

RNI No. : ODIODI/2015/64435
www.pracheevoice.in
ବାସ୍ତବତାର ପରିପ୍ରକାଶ
ପ୍ରାଚୀ
ଜାନୁୟାରୀ ୨୦୧୭
ମୂଲ୍ୟ : ୨୫ ଟଙ୍କା





[illegible]

# ପ୍ରାଚୀ

ସମ୍ପାଦକ :

[illegible]

ଜୀବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମାନଙ୍କୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ଦଶମ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ବୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶଙ୍ଖ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

**ସଂପାଦକ**

# ଓଁ 'ପ୍ରାଚୀ'ର କଲମ ଓଁ

ପ୍ରାଚୀର ଗୋଟିଏ ଜିଦ୍ ଆମେ ମାଙ୍କଡ଼ମାନଙ୍କୁ ପାଠ ପଢ଼ାଇବା । ମୁଁ ସବୁବେଳେ ତା ଜିଦ୍ ଆଗରେ ହାର ମାନେ । ସେ ଭୁଲ କହିଲେ ବି ମୁଁ ତାକୁ ମୁଣ୍ଡପାତି ଶୁଣେ ଏବଂ ତା ବିଷୟରେ ବହୁତ ଭାବେ । କାରଣ ତା' ପ୍ରତି ବିଶ୍ୱାସ ଏବଂ ଭଲପାଇବା ଏତେ ଥାଏ ଯେ, ମୁଁ ସବୁବେଳେ ତାଭୁଲ୍‌ରୁ ଠିକ୍‌କୁ ଖୋଜି ବୁଲେ । ସେମିତି ଏହି ମାଙ୍କଡ଼ କଥା ମୁଁ ଭାବି ଭାବି ବହୁଦିନ ବିତିଗଲା । ମନକଥା ମନରେ ରହିଲା । ମନକୁ ପୁଣି ଆସିଲା, ଯଦି ମାଙ୍କଡ଼ମାନଙ୍କୁ ପଢ଼ାଇପାରିବା ନାହିଁ, ଆମେ କ'ଣ ମାଙ୍କଡ଼ ପାଇଁ କଥା କହିପାରିବା ନାହିଁ ? ତେଣୁ ପ୍ରାଚୀର କଥାରୁ 'ପ୍ରାଚୀ' ର ସୃଷ୍ଟି ହେଲା । ଏହି ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବେତର ମାନଙ୍କ ପାଇଁ ଏକ ଆଶର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ଏହି ପତ୍ରିକାର ପ୍ରଥମ ସୃଷ୍ଟିରେ ୧୨ଟି ଚରିତ୍ରର ହୃଦୟୋଚ୍ଛ୍ୱାସ ଦିଆଯାଇଛି ।

- ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚି ରହିବା ପାଇଁ .........
- ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ । କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳ୍ପନା କରିପାରେନା ...... ....
- ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ମୁଁ ଛୋଟା ହେଲେ ମଧ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ବିଧାତାର ବିଧାନ ସାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ମୁଁ ପରା ଚୂଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡେ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୂରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଚ୍ଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.-1, January 2016, Issue No. X

RNI No. : ODIODI/2015/64435

ପ୍ରାଚୀ ପରିବାର :
ଉପଦେଷ୍ଟା :
କୃଷ୍ଣ ପ୍ରସାଦ ଦାସ
ସମ୍ପାଦକ :
ଡ. ବିଭୁଦତ୍ତ ଖଣ୍ଡାୟତରାୟ
ସମ୍ପାଦନା ସହଯୋଗୀ :
ପ୍ରାଚୀ ପ୍ରଯୁକ୍ତା
ସହ ସମ୍ପାଦକ :
ଡ. ନିରୋଦ କୁମାର ମନ୍ତ୍ରୀ
ପରିଚାଳନା ସମ୍ପାଦିକା :
ପ୍ରଜ୍ଞା ପରିମିତା
ଉପସ୍ଥାପନା :
ମମତା ଖଣ୍ଡାୟତରାୟ
ଡିଟିପି :
ମନୋଜ କୁମାର ଦାସ
ପ୍ରଚ୍ଛଦ :
ବିଭୁପ୍ରସାଦ ନାୟକ
ଅଳଙ୍କରଣ :
ବିଜୟ କୁମାର ସାହୁ
ବିଜ୍ଞାପନ ଅଧିକାରୀ :
ରାମଚନ୍ଦ୍ର ବିଶ୍ୱାଳ
ବିତରଣ ଅଧିକାରୀ :
ପ୍ରଦୀପ୍ତ କୁମାର ପାଢ଼ୀ
ମୁଦ୍ରଣ :
ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍
ନୂଆବଜାର, କଟକ - ୪

ପ୍ରାଚୀ ସାହିତ୍ୟ ସମାଜ
ସଭାପତି :
ଡ. ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ
କାର୍ଯ୍ୟକାରୀ ସମ୍ପାଦିକା:
ଡକ୍ଟର ବିଦ୍ୟୁତ୍ ପ୍ରଭା ମିଶ୍ର

ପ୍ରାଚୀ ସାହିତ୍ୟ ସମାଜର ସଭ୍ୟ ହେବା ପାଇଁ www.pracheevoice.in ରେ ଲଗ୍‌ଇନ୍ କରନ୍ତୁ।

Declaration
Edited & Published by :
Dr. Bibhudatta Khandayatray
Niladri Vihar, Cuttack - 4
E-mail :
pracheepatrika@rediffmail.com
Web Site :
www.pracheevoice.in

## ଦୀପାବଳୀ ବିଶେଷାଙ୍କ

## ଏଇ ସଂଖ୍ୟାରେ...

❑ ମାଛ
ନରେନ୍ଦ୍ର ସାହୁ ୭

❑ ନୀରବ ପ୍ରତିବାଦ
ସତ୍ୟନାରାୟଣ ନନ୍ଦ ୧୫

❑ ଦେବପୁରୁଷ
ଗୀତାଞ୍ଜଳୀ ନାୟକ ୧୭


❑ ଆଶ୍ରମ
ବନଲତା ସିଂହ ୧୯

❑ ସବର୍ଣ୍ଣ, ଅସବର୍ଣ୍ଣ ଏକ ମାନସିକତା
ପ୍ରାଚୀ ପ୍ରଯୁକ୍ତା ୨୦

❑ ଭକ୍ତି ପସରା
ବିଭୁପ୍ରସାଦ ନାୟକ ୨୨

❑ ସ୍ନେହପାଇଁ ଚିଠିଟିଏ
ଡଃ ନିରୋଦ କୁମାର ମନ୍ତ୍ରୀ ୨୪

❑ ବନ୍ଧୁତ୍ୱର ପ୍ରତିଦାନ
ବିଶ୍ୱଜିତ୍ ଖମାରୀ ୨୬



# ପ୍ରାଚୀର ନିୟମାବଳୀ

- **"ପ୍ରାଚୀ"** ଏକ ମାସିକ ଗଳ୍ପ ପତ୍ରିକା । ଏହି ପତ୍ରିକାରେ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ ।
- ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ ପ୍ରକାଶ କରାଯାଇଥାଏ ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତା ଥାଏ ତାହା ଏଥିରେ ପ୍ରକାଶ ପାଇବ ।
- ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ । ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ ।
- ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ ।
- ଏହି ପତ୍ରିକାଟି ସମାଜର ନିସ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡ଼ିଶା, ପିନ୍ - ୭୫୩୦୦୪ କିମ୍ବା ପାଠକପାଠିକା ମାନେ pracheepatrika@rediffmail.com **ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ ।**

**ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**ଏହାକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ..........................................................................................................

ଜିଲ୍ଲା............................................................... ପିନ୍‌କୋଡ଼ .....................................

ମୋବାଇଲ୍ ନମ୍ବର ............................................ ଇ-ମେଲ୍ ...........................................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ମନିଅର୍ଡର)**


**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍ ନଂ : ୯୧୨୪୮୮୭୬୦୫, ୯୫୮୩୩୯୦୭୭୬

E-mail : pracheepatrika@rediffmail.com, Web. : www.pracheevoice.com

# ମାଛ

*ନରେନ୍ଦ୍ର ସାହୁ*

କଲିଂ ବେଲ୍ ମାରିବା ପୂର୍ବରୁ ହିଁ କବାଟ ଖୋଲିଯାଇଥିଲା। ତମେ ଗେଟ୍ ଖୋଲୁଥିବା ବେଳେ ଝର୍କାବାଟେ ତମକୁ ଦେଖି ଦେଇଥିଲା ମୀନୁ। ତମ ପାଦ ବାରଣ୍ଡାରେ ପଡ଼େ ନ ପଡ଼େ, କବାଟ ଖୋଲି ଦେଇଥିଲା ସେ । ମୀନୁ ତମକୁ ଭଲ ଭାବରେ ଚିହ୍ନେ। ତେଣୁ କବାଟ ଖୋଲି ଦେବାରେ କୌଣସି ସଂଶୟ ନଥିଲା।

ତମେ ମୀନୁକୁ ଚାହିଁ ହସିଥିଲ । ଏକ ସନ୍ତୁଷ୍ଟଭରା ପ୍ରାଣଖୋଲା ହସ। ତମେ ଏମିତି ସବୁ ସମୟରେ ହସ ନାହିଁ। ତମକୁ ସୁହାଇବା ପରି ପରିସ୍ଥିତିଟିଏ ଆସିଲେ ତମେ ଏମିତି ଥରେ ଥରେ ହସିଦିଅ। ତମ ହସଟି ସମସ୍ତଙ୍କୁ ଭଲ ଲାଗେ। ତମ ହସ ସମ୍ପର୍କରେ ତମେ ଅବଶ୍ୟ କିଛି ଜାଣ ନାହିଁ।

ତମେ ସିଧା ରୁମ୍ ଭିତରକୁ ପଶି ଆସିଲ। ଚାରି ଆଡ଼କୁ ଚାହିଁଲ। ତା'ପରେ ତମେ ହାତରେ ଧରିଥିବା ଜିନିଷଟିକୁ ଟେବୁଲ୍ ଉପରେ ଥୋଇଦେଲ। ପ୍ୟାକିଂ କରିଯାଇଛି। ପ୍ୟାକିଂ ଉପରେ ରାଉଣ୍ଡ ସେପ୍‌ରେ କଣାଟିଏ ଅଛି।

ତମେ ଆଣିଥିବା ଜିନିଷଟି ଉପରେ ମୀନୁ ସାମାନ୍ୟ କୌତୂହଳ ପ୍ରକାଶ କଲେ ବି କୌଣସି ପ୍ରତିକ୍ରିୟା ଦେଖାଇଲା ନାହିଁ। ଦୂରରୁ ଯାହା ଆଖବ ପହଁରାଇ ଆଣିଲା ପ୍ୟାକିଂ ଉପରେ।

ପ୍ୟାକିଂର ଗୋଟାଏ କଡ଼କୁ ରଙ୍ଗୀନ୍ କାଗଜ ଉପରେ ସୁନ୍ଦର ହସ୍ତାକ୍ଷରରେ ଲେଖାଯାଇଛି - ବେଷ୍ଟ ଉଇସେସ୍ ଫ୍ରମ୍ ଅମୁକ, ଟୁ ଅମୁକ।

ମୀନୁ କିଛି ପଚାରିଲା ନାହିଁ। ତମେ ପ୍ରଶ୍ନିଳ ଆଖିଟିଏ ଅବଶ୍ୟ ମୀନୁକୁ ବଢ଼ାଇଥିଲ। ସେ କିନ୍ତୁ ନିର୍ବିକାର ଥିଲା। ଯେମିତି, ଏପରି ହେବା ଅସଙ୍ଗତ ନୁହଁ ତମ ପକ୍ଷରେ। ତମେ ଆସିଲେ ଏମିତି ଛୋଟ ଛୋଟ ଘଟଣାଗୁଡ଼ିଏ ସାଥିରେ ଆସିଥାଆନ୍ତି।

ତମେ ଟିକିଏ ସ୍କ୍ରୀନ୍ ଆଡେଇ ଘର ଭିତରକୁ ଚାହିଁଲ। ସ୍କ୍ରୀନ୍ ଡେଇଁ ଭିତରକୁ ପଶିଯିବାର ଅଧିକାର ତମର ଅଛି। କିନ୍ତୁ ତମେ ଭିତରକୁ ଗଲନାହିଁ। ଯଦିଓ ଜିଜ୍ଞାସାର ଛାପଟିଏ ତମ ମୁହଁରେ ଉକୁଟି ଉଠୁଥିଲା।

ମୀନୁ କହିଲା : ଦୁଇଦିନ ହେଲାଣି ସେ ଭୁବନେଶ୍ୱର ଯାଇଛନ୍ତି। ଆଜି ବାରଟା ସୁଧା ପହଞ୍ଚିବେ। କିନ୍ତୁ ତାଙ୍କ କଥାରେ କିଛି ଠିକ୍ ଠିକଣା ନଥାଏ। ସମୟ ଅନୁସାରେ ସେ କେବେବି ଠିକ୍ ସମୟରେ ଘରକୁ ଫେରନ୍ତି ନାହିଁ। ତଥାପି ମୋତେ ତାଙ୍କପାଇଁ ରୋଷେଇ କରିବାକୁ ପଡ଼ିବ। ଆପଣ ଏବେ କ'ଣ ନେବେ... ? ଚା ନା କଫି.... ?

ତମେ ସୋଫା ଉପରେ ବସି ଖବର କାଗଜ ଓଲଟାଉ ଥିଲ। ମୀନୁର ପ୍ରଶ୍ନରେ ପେପର ଉପରୁ ଦୃଷ୍ଟି ଘୁଞ୍ଚାଇ କହିଲ - ଅଧଘଣ୍ଟା ତଳେ ଚା ପିଇଥିଲି। ଯଦି ଟିଫିନ୍‌ର ବ୍ୟବସ୍ଥା ହୁଅନ୍ତା ତେବେ ଖୁଉବ୍ ଭଲ। ମୀନୁ ହସିଲା। ଅପେକ୍ଷା କରିବାକୁ କହି ଭିତରକୁ ଚାଲିଗଲା। ତମେ ଥରଟିଏ ବି ଭାବିଲ ନାହିଁ, ମୁହୂର୍ତ୍ତେବି ଅନୁଶୀଳନ କଲ ନାହିଁ, ଏଇ ହସଟା ଆନ୍ତରିକତାଭରା ଥିଲା କି ? ତମେ ଛୋଟ ଛୋଟ କଥାକୁ ଆଦୌ ଗୁରୁତ୍ୱ ଦିଅନାହିଁ। ତେଣୁ ବୁଝିପାରିଲ ନାହିଁ ମୀନୁର ମନ କଥା।

ତମେ ପେପର ପଢ଼ିବାରେ ଲାଗିଲ। କିଛି ସମୟ ପରେ ମୁହଁ ଉଠାଇ ଉପରକୁ ଚାହିଁଲ। ଫ୍ୟାନ୍‌ଟା ଖୁଉବ୍ କମ୍ ସ୍ପିଡ୍‌ରେ ବୁଲୁଚି। ଭୀଷଣ ଗରମ ତମେ ଉଠିପଡ଼ି ରେଗୁଲେଟର ମୋଡ଼ିଲ।

ଫ୍ୟାନ୍ ଜୋର୍‌ରେ ବୁଲିଲା। ପେପର ସବୁ ଟି-ପୟରୁ ଉଡ଼ି ତଳେ ପଡ଼ିଲା। ତମେ ସେଆଡ଼କୁ ଦୃଷ୍ଟି ନ ଦେଇ ବହିଥାକ ଆଡ଼କୁ ଚାହିଁଲ। ତମର ବହି ପଢ଼ାରେ ଅଙ୍କ ସଉକି ଅଛି ବୋଲି ତମେ ନିଜେ ସବୁବେଳେ କୁହ। ଦୁଇ ଚାରିଟା ବହି ଆଣି ଆଖି ବୁଲାଇ ଟି-ପୟ ଉପରେ ଥୋଇଦେଲେ।

ତମର ଆଚରଣରୁ ଜଣାପଡୁଥିଲା ତମେ ବିବ୍ରତ ଥିଲ। ତମେ ବୋଧହୁଏ ଏକ ଗୁରୁତ୍ୱପୂର୍ଣ୍ଣ କାମରେ ଆସିଥିଲ। କିଛି ସମସ୍ୟା ସମ୍ବନ୍ଧରେ ଆଲୋଚନା କରିବା ହୁଏତ ଜରୁରୀ ଥିଲା। ମୀନୁକୁ ତମେ ଉପଯୁକ୍ତ ବୋଲି ଭାବିଲ ନାହିଁ କି କ'ଣ!

ତମେ ଷ୍ଟେରିଓ ସୁଇଚ୍ ଅନ୍ କଲ। ସୁମଧୁର ସଙ୍ଗୀତ ଭାସି ଆସିଲା ଦୁଇଶହ ଚାଳିଶ ୱାଟ୍ ପି.ଏମ୍.ପି.ଓ ଯୁକ୍ତ ସାଉଣ୍ଡ ବକ୍ସରୁ । କି ସଂଯୋଗ ଦେଖ ତ! ଅକ୍ଷୟ ମହାନ୍ତିଙ୍କ ପୁରୁଣା ଗୀତଟି ଯାହା ସବୁବେଳେ ତମ ଜିଭ ଅଗରେ ଝୁଲୁଥାଏ, ସେଇ ଗୀତଟି ହିଁ ଭାସି ଆସିଲା। "....ହେ ଫଗୁଣ ତମେ ଗଲାପରେ ପରେ ଅନେକ ଯାତନା ଏଠି....।" ତମେ ବିହ୍ୱଳ ହେଇଗଲ ସେଇ ସଙ୍ଗୀତରେ।

ରୋଷେଇ ଘରୁ ଟୁଂ ଟାଂ ଶବ୍ଦ ଶୁଭୁଥିଲା। ମୀନୁ ତମ ପାଇଁ ଜଳଖିଆ ପ୍ରସ୍ତୁତ କରୁଥିଲା। ଦ୍ୱିପହର ପାଇଁ ବି ତାକୁ ରୋଷେଇ କରିବାକୁ ପଡ଼ିବ। ସଜ ମାଛ ଫ୍ରିଜ୍‌ରେ ଅଛି। ଆଜି ସକାଳୁ ଘର ପାଖରୁ ଆଣିଥିଲା। ମୀନୁ ଜାଣେ, ତା' ସ୍ୱାମୀର ମାଛ ଭାରି ପସନ୍ଦ।

ପଚିଶ୍ ମିନିଟ୍ ଭିତରେ ଡ୍ରଇଁରୁମ୍‌ରେ ପ୍ରବେଶ କଲା ମୀନୁ ଜଳଖିଆ ଓ ପାଣିଗ୍ଲାସ ନେଇ। ତମେ ସେତେବେଳକୁ ଶୋଇପଡ଼ିଥିଲ ସୋଫା ଉପରେ। ଖବର କାଗଜ ଛିନ୍‌ଛତ୍ର ହୋଇ ଘର ଭିତରେ ଉଡୁଥିଲା। ଷ୍ଟେରିଓରୁ ଗୀତ ସରିଯାଇ ସାଁ ସାଁ ଶୁଭୁଥିଲା। ଥାକରୁ ବହି ସବୁ ଏକଡ଼ ସେକଡ଼ ହେଇ ଟିପୟ ଉପରେ ପଡ଼ିଥିଲା।

ମୀନୁ ବିରକ୍ତିରେ ଫାଟି ପଡ଼ିଲା।

ତମେ ବି ସାମାନ୍ୟ ଶିଷ୍ଟାଚାର ଦେଖାଇ ନଥିଲ। ନିଜ ଘର ପରି ବା ଘରେ ଜଣେ ସ୍ତ୍ରୀଲୋକ ଅଛି ତାକୁ ଅବଜ୍ଞା କରି ସୋଫା ଉପରେ ଶୋଇ ପଡ଼ିଥିଲ। ତମର ଗୋଟାଏ ଗୋଡ଼ ଦସ୍ତୋଭସ୍କିଙ୍କ ଅମର କୃତି ଉପରେ ପଡ଼ିଥିଲା। ଟି.ଏସ୍. ଇଲିଏଟ୍‌ଙ୍କ 'ଫୋର୍ କ୍ୱାର୍ଟସ୍' ପ୍ରସ୍ତୁତ ଉପରେ ତମ ବାମ କହୁଣୀ ମାଡ଼ି ହେଇ ତେରଛା ଭାବରେ ପଡ଼ିଥିଲା।

ଏ ଦୃଶ୍ୟଟି ଦେଖିବା ପରେ କିଏ କାହିଁକି ଭାବିବ, ତମେ ସାହିତ୍ୟକୁ ବି ଭଲ ପାଅ।

ମୀନୁ କ୍ରୋଧ ସମ୍ବରଣ କରି ସାରିଥିଲା । ଯାହା ହେଲେ ବି ତମେ ଅତିଥି। ତମକୁ ଶିଷ୍ଟାଚାର ସହକାରେ ବୁଝାଇ ଦିଆଯାଇପାରେ ଯେ ତାଙ୍କ ଅନୁପସ୍ଥିତିରେ ତମେ ଘରଟାକୁ ବିପର୍ଯ୍ୟସ୍ତ କରିବା ଆଦୌ ଉଚିତ୍ ନୁହେଁ।

ତମେ ଶୋଇପଡ଼ିଥିଲ। ନିଘୋଡ଼ ନିଦ। ତମେ କ'ଣ କ୍ଲାନ୍ତ ଥିଲ ? ଗତ ରାତିରେ ଭଲ ଭାବରେ ଶୋଇପାରି ନଥିଲ କି ? ନିଜ ଘର ଭାବି ସମ୍ପୂର୍ଣ୍ଣ ଅବେଳଟାରେ ଚିନ୍ତାଶୂନ୍ୟ ହୋଇ ଶୋଇପଡ଼ିବାର ତୁମର ବୋହେମିଆନ୍ ଗୁଣଟିକୁ ସୂଚିତ କରୁଥିଲା।

ମୀନୁ କ'ଣ କରିବ ସ୍ଥିର କରି ପାରିଲ ନାହିଁ। ଟିପୟ ଉପରେ ତମ ଗୋଡ଼ ଆଉ ବହିପତ୍ର। ସେ ବେତ ଷ୍ଟୁଲଟିକୁ ଟାଣି ଆଣିଲା ଆଉ ପରଟା ଓ ଆଳୁଭଜା ପ୍ଲେଟ୍‌ଟିକୁ ତା' ଉପରେ ଥୋଇଲା। ପାଣି ଗ୍ଲାସଟି ହାତରେ ଧରି ଖଣ୍ଡିକାଶ ମାରିଲା। ଷ୍ଟେରିଓଟିକୁ ରିଭ୍ୟୁ କରି ପୁଣି ଗୀତ ବଜାଇଲା।

ଗୀତ ବାଜିବା ମାତ୍ରେ ତମେ ଆଖି ଖୋଲିଲ। ଏଥରର ଗୀତଟି ଆହୁରି ଶ୍ରୁତିମଧୁର। ତମେ ନ ଶୁଣି ରହିପାରିବ ନାହିଁ। "....ଲୁହର ଦୀପାଳି ଜାଳି ମୁଁ ବସିଛି....ସାରାରାତି ତୁମପାଇଁ....।" ତମେ ମୀନୁକୁ ସାମ୍ନାରେ ଦେଖି ଲଜ୍ଜିତ ହେଲ। ଶୋଇପଡ଼ିବାଟା ଆଦୌ ଠିକ୍ ହେଇନାହିଁ।

ତମେ ଖାଇବ କ'ଣ ? ମୀନୁର ମୁହଁକୁ ଦେଖି ସବୁ ବୁଝିପାରିଲା ପରି ଖବରକାଗଜ ସାଉଁଟି ନେଲ। ବହି ସଜାଡ଼ି ପକାଇଲ। ଟି-ପୟ ଉପରଟା ହାତରେ ପୋଛି ପକାଇଲ।

ଥାଉ ଥାଉ ଆପଣ ଏସବୁ କାହିଁକି କରୁଛନ୍ତି ? ଆପଣ ଖାଇ ନିଅନ୍ତୁ। ମୁଁ ସବୁ ସଜାଡ଼ି ଦେଉଛି।

ମୀନୁର ସ୍ୱରରେ ଭଦ୍ରତା ଶୀର୍ଷସ୍ଥାନରେ ଥିଲା। ତେଣୁ ତମେ ତା' ମନକଥା ବୁଝିପାରିଲ ନାହିଁ। ତମେ ଖାଇବାରେ ମନ ଦେଲ। ସ୍କୁଲ୍ ଫେରନ୍ତା ଭୋକିଲା ବାଳକଟିଏ ପରି । ତମେ କ'ଣ ଗତକାଲିଠାରୁ କିଛି ଖାଇ ନଥିଲ ?

ନିଜ ପ୍ରସ୍ତୁତ ଖାଦ୍ୟ ଯଦି କିଏ ଆନନ୍ଦରେ ଖାଏ, ତେବେ ନାରୀଟିକୁ ଖୁଉବ୍ ଖୁସି ଲାଗେ।

ମୀନୁ ଜଣେ ସାଧାରଣ ନାରୀ। ତେଣୁ ତମ ଖାଇବା ଦେଖି ସେ ମନେ ମନେ ଆତ୍ମ ସନ୍ତୋଷ ଲାଭ କରୁଥିଲା। ତମେ ଖାଇବା ସମୟରେ କଥାବାର୍ତ୍ତା କରୁନଥିଲ। ଚୁପ୍‌ଚାପ୍ ମୁହଁ ତଳକୁ କରି ଖାଇବାରେ ମନ ଲଗାଇ ଦେଇଥିଲ।

ଆଉ ଦୁଇଟି ରସଗୋଲା ଓ ଗୋଟିଏ ପରଟା ପ୍ଲେଟ୍‌ରେ ଥୋଇ ଦେଇ ମୀନୁ ପଚାରିଲା -- ଆପଣଙ୍କର କିଛି ଅସୁବିଧା ହେଉଛି କି ? ଆପଣ ବିବ୍ରତ ଜଣାପଡୁଛନ୍ତି। ୟା'ଙ୍କର ଆସିବା ସମୟ ହୋଇଗଲାଣି। ଆପଣ ଯଦି ଅପେକ୍ଷା କରିବେ ତ ନିଶ୍ଚିତ ଦେଖା ହେବ।

ତମେ କିନ୍ତୁ ପ୍ରସଙ୍ଗ ବଦଳାଇ କହିଲ : ଚମତ୍କାର ହେଉଛି। ପରଟା ସହ ଆଳୁଭଜା। ଅନେକ ଦିନ ପରେ ସୁଆଦିଆ ଜଳଖିଆ ଟିକେ ପାଟିରେ ବାଜିଲା। ଗୋଟେ ଗ୍ଲାସ୍ ପାଣି ମିଳିପାରିବ ? ଫ୍ରିଜ୍ ପାଣି ହେଲେ ଭଲ ହୁଅନ୍ତା। ପ୍ଲେଟ୍‌ରୁ ଖାଦ୍ୟ ଶେଷ କରୁ କରୁ ତମେ କହିଲ।

ଖୁଉବ୍ ପରିଚ୍ଛନ୍ନ ଭାବରେ କହିଲ। ସ୍ୱଚ୍ଛ ସ୍ୱରରେ। ପାହାଡ଼ି ଝରଣାର କାଚକେନ୍ଦ୍ର ପାଣି ପରି।

କିନ୍ତୁ ତା' ପରେ ହଠାତ୍ ଚୁପ୍ ହେଇଗଲ । ତମେ କ'ଣ କହି ଆସୁଥିଲ ବୋଧିହୁଏ। ମଝିରୁ ଅଟକିଗଲ ଆଉ ପ୍ରଶ୍ନିଳ ଆଖିରେ ମୀନୁକୁ ଚାହିଁ ରହିଲ। ପରେ ପରେ ଏକ ଦୀର୍ଘନିଶ୍ୱାସ ବାହାରି ଆସିଲା। ତମେ ତଳକୁ ନଇଁପଡ଼ି କ'ଣ ଗୋଟେ ଉଠେଇ ଆଣିଲ। ଏକ ରାଇଟିଙ୍ଗ ପ୍ୟାଡ୍‌ରେ ଲେଖା ଯାଇଥିବା ତମରି ହାତଲେଖା ଏକ ଚିଠି।

ମୀନୁ ଥଣ୍ଡା ପାଣି ଗ୍ଲାସଟିଏ ତମ ହାତକୁ ବଢ଼ାଇଦେଲା। ତମେ ଢ଼କ୍ ଢ଼କ୍ କରି ଏକା ନିଶ୍ୱାସରେ ପିଇଦେଲ ପାଣି। ପୁଣି ଚାହିଁଲ ତମ ଚିଠିଟିକୁ। ମାତ୍ର ଦଶଦିନ ତଳେ ତମେ ଏ ଚିଠିଟା ମୀନୁର ସ୍ୱାମୀ ପାଖକୁ ଲେଖିଥିଲ। ତମର ଆଜି ଆସିବା କଥା ମଧ ଉଲ୍ଲେଖ ଥିଲା। ମୀନୁର ସ୍ୱାମୀ କ'ଣ ଏ ବିଷୟରେ ମୀନୁକୁ କିଛି କହିନାହାନ୍ତି... ? କିମ୍ବା ମୀନୁ ସବୁ ଜାଣି ବି ପତିଙ୍କ ଆଗମନକୁ ଅପେକ୍ଷା କରୁଛି।

ତମେ ଫୁଲି ଉଠିଲ ଅଭିମାନରେ। ଛାତିତଳଟା ଦୁଲୁକେଇ ଦେଲେ ଗୋଟିଏ ଦୀର୍ଘନିଶ୍ୱାସ ପୁଣି ଥରେ ବାଟ ଖୋଜୁଥିଲା ବାହାରକୁ ବାହାରିଯିବା ପାଇଁ। ବଡ଼ ଜଟିଳ ଏ ନିଶ୍ୱାସମାନଙ୍କର ରହସ୍ୟ । ମନ କଥାକୁ ବି ଜଣେଇଦିଅନ୍ତି ପବନ ପିଠିରେ ଚିଠି ଲେଖି। ତମେ ଅଭିମାନ ବି କରିପାର, ଏକଥା କିଏ କାହିଁକି ବିଶ୍ୱାସ କରନ୍ତା। ତମେ କିଛି ବି ପ୍ରକାଶ ନ କରି ମୀନୁକୁ କହିଲ -
- ଆରେ ମୋ ଚିଠିଟା ଖସିପଡ଼ିଛି ଏଠି। ତମେ ଏଇଟାକୁ ପଢ଼ିଛ କି ନାଇଁ... ?

ଇଏ, ଆପଣଙ୍କ ଆସିବା କଥା କହୁଥିଲେ। କିନ୍ତୁ ଆଜି ଆସିବା କଥା କହି ନଥିଲେ। ମୁଁ ଆପଣଙ୍କ ଚିଠି ପଢ଼ିନାହିଁ। ତାଙ୍କ ପାଇଁ ଉଦ୍ଦିଷ୍ଟଥିବା ଚିଠି ମୁଁ କେମିତି ପଢ଼ନ୍ତି... ?

ତମେ ଚାପା ଅସନ୍ତୋଷ ପ୍ରକାଶ କଲ : ତମେ ଆଉ ଅବିନାଶ କ'ଣ ଅଲଗା ? ଅବିନାଶ ପାଖକୁ ମୁଁ ଲେଖିଥିବା ଚିଠି ତମେ ପଢ଼ିବାରେ ଅସୁବିଧା ରହିଲା କେଉଁଠି ? ଏତେଟା ପ୍ରାଇଭେସି। ପୁଣି ସ୍ୱାମୀ ସ୍ତ୍ରୀଙ୍କ ପାଖରେ। ଏତେଟା ଡିଫରେନ୍‌ସ୍ ଠିକ୍ ନୁହେଁ।

ମୀନୁକୁ ଆଘାତ ଲାଗିଲା। କହିଲା - କାହିଁକି ? ବ୍ୟକ୍ତିଗତ ସ୍ତରରେ ସମସ୍ତେ ଅଲଗା। ପ୍ରତିଟି ମଣିଷ ନିଜସ୍ୱ ସ୍ୱଭାବ ଆଉ ରୁଚିକୁ ନେଇ ବଞ୍ଚେ। ସ୍ୱାମୀ ସ୍ତ୍ରୀ ଭିତରେ ସମ୍ପର୍କ କ'ଣ - ଏହା ଏକ ଆଡ୍‌ଜଷ୍ଟମେଣ୍ଟ୍ ମାତ୍ର। ଆପଣ ଗୋଟିଏ ପୁରୁଷ ଓ ନାରୀକୁ ବିବାହ ନାଁରେ ଏକ କରି ଦେଉଛନ୍ତି କାହିଁକି ? ମୀନତି ମହାପାତ୍ର ଓ ଅବିନାଶ ମହାପାତ୍ର କ'ଣ ଏକା ଲୋକ ? ହିଁ, ସେମାନଙ୍କୁ ଏକାଠି ରହିବା ପାଇଁ ସାମାଜିକ ସ୍ୱୀକୃତି ଦିଆଯାଇଛି । ବରଂ ଏହାଦ୍ୱାରା ସେମାନେ ପରସ୍ପର ସ୍ତରରେ ବେଶୀ ବେଶୀ ଏକୁଟିଆ ହେଇଯାଇଛନ୍ତି।

ଅଭିମାନରେ ଆରକ୍ତ ହୋଇ ଉଠିଥିଲା ମୀନୁର ମୁହଁ। ଆଖିରେ ଫୁଟି ଉଠିଥିଲା ନିସ୍ପୃହ ଚାହାଣୀ। ଛାତିତଳେ କାରଣ୍ୟର ସ୍ରୋତଗୁଡ଼ିଏ ବାଟ ଖୋଜୁଥିଲେ କୋହ ପାଲଟି ବାହାରକୁ ବାହାରି ଆସିବା ପାଇଁ।

ତମେ ବୁଝାଇବ ସ୍ୱରରେ କହିଲ -- ଏପରି କଥା ତମ ମୁହଁରେ ଶୋଭାପାଏନାହିଁ ମୀନୁ । ମୁଁ ଭଲ ଭାବରେ ଚିହ୍ନେ ଅବିନାଶକୁ। ତା' ପାଖରେ ପ୍ରାଇଭେସି ବୋଲି କିଛି ଶବ୍ଦ ନାହିଁ। ବରଂ ତମେ ଏଇ ଶବ୍ଦଟାକୁ ନିଜ ଜୀବନରେ ବେଶୀ ପ୍ରୟୋଗ କରୁଥାଇପାର।

ତମେ କହିସାରି ନିର୍ଲିପ୍ତ ଭାବରେ ପେପରଟାକୁ ଧରି ବସିଗଲ ଯେମିତି ତମେ କିଛି କହିନାହଁ କିମ୍ବା ଯଦି ବି କହିଚ ସେ ସବୁ ମୀନୁ ପାଇଁ ଉଦ୍ଦିଷ୍ଟ ନୁହେଁ

ମୀନୁ ଚିହିଁକି ଉଠିଲା - ଦୟାକରି ମୋ ବିଷୟରେ ଏସବୁ ମନ୍ତବ୍ୟ ଦିଅନ୍ତୁ ନାହିଁ। ମୁଁ ନିଜକୁ ଭଲ ଭାବରେ ଜାଣେ। ଅବିନାଶ କ'ଣ ତାହା ବି ଭଲ ଭାବରେ ଜାଣେ। ଆହୁରି ହେଲା - ଆପଣଙ୍କୁ ବି ମୁଁ ଠିକ୍ ଚିହ୍ନେ।

ତମେ ହସିଦେଲ ଓ ମିନୁ ନ ରାଗିବା ପରି ନିମ୍ନ ସ୍ୱରରେ କହିଲ -- ନିଶ୍ଚିତ ଭାବରେ। ନ ଚିହ୍ନିଥିଲେ ଅବିନାଶର ଅନୁପସ୍ଥିତିରେ ମୋତେ ଅତିଥିର ମର୍ଯ୍ୟାଦା ଦେଇ ସତ୍କାର କରନ୍ତ ନାଇଁ। ଏଇଟାକୁ ହିଁ କହନ୍ତି ସମ୍ପର୍କ। ଜାଉ ମୀନୁ, ମୁଁ ସମ୍ପର୍କକୁ ବିଶ୍ୱାସ କରେ। ବିଶ୍ୱାସ ନଥିଲେ ସମ୍ପର୍କ ଆସିବ କୁଆଡୁ? ମୁଁ ତମକୁ ଯେତିକି ବିଶ୍ୱାସ କରେ ଅବିନାଶକୁ ମଧ୍ୟ ସେତିକି। ଅବିନାଶକୁ ଅତି ପାଖରୁ ମୁଁ ଦେଖିଛି। ଦାରିଦ୍ର୍ୟର କଷାଘାତରେ ଜର୍ଜରିତ ତା'ର ପାଉଁଶିଆ ମୁହଁ ଆଉ ବିବର୍ଣ୍ଣ ସ୍ୱପ୍ନକୁ ବି ମୁଁ ଦେଖିଛି। ପିତୃହୀନ ଅବିନାଶ ନିଜେ ପାଠ ପଢ଼ିବା ସହ ତିନୋଟି ଭାଇ ଭଉଣୀଙ୍କୁ ଟିଉସନ ପଇସାରେ ପାଠ ପଢ଼ାଇବା ଓ ଘର ଚଳାଇବାର ଆତ୍ମବିଶ୍ୱାସକୁ ମୁଁ ପରଖିଛି।

- ଥାଉ । ଅତୀତକୁ ଆଉ ଉଖାରନ୍ତୁ ନାହିଁ। ଏମିତି ଉଦାହରଣ ଆମ ସମାଜରେ ଅନେକ ମିଳିବ। ସେ ହୁଏତ ଆପଣମାନଙ୍କ ପିର ବନ୍ଧୁ ବା ଅଫିସ୍ ସହକର୍ମୀଙ୍କ ବାହାବା'ର ପାତ୍ର ହୋଇପାରନ୍ତି। ମହାପୁରୁଷ ହେବାର ଏଗୁଡ଼ିକ ବୋଧହୁଏ ପ୍ରଥମ ସୋପାନ। ମୁଁ ଏଥିରେ ସନ୍ତୁଷ୍ଟ ନୁହେଁ। ଏଥିରେ ମୋର ଯାଏ କେତେ ଆସେ କେତେ।

ତମେ ଟିକେ ବିଚଳିତ ଜଣାପଡ଼ିଲ। ମୀନୁର ମଉଳା ମୁହଁଟିକୁ ଚାହିଁ ପଚାରିଲ - କଥା କ'ଣ ମୀନୁ... ? ଏନିଥିଙ୍ଗ୍ ରଙ୍ଗ - ?

ନା କିଛି ନୁହଁ... କହି ଓ ପ୍ଲେଟ୍, ଗ୍ଲାସ୍ ନେଇ ଭିତରକୁ ଚାଲିଗଲା।

ତମେ ଭାବିଲ ଏମିତି ହୁଏ। ସ୍ୱାମୀ ସ୍ତ୍ରୀ ଭିତରେ ମାନ ଅଭିମାନ ନ ରହିଲେ ବି ସଂସାର ନଉକା ଠିକ୍‌ସେ ଚାଲିପାରେ ନାହିଁ। ତମେ ଏସବୁ ଅତି ହାଲ୍‌କା ଭାବରେ ନେଇ ଆଉ ଟିଭି ଅନ୍ କରି ବସିଗଲ।

ମୀନୁ ଭିତରେ ଭିତରେ କୁହୁଳୁ ଥାଏ। ତମେ ଟିକେ ବି ବୁଝିପାରିଲ ନାହିଁ। ତମେ କ'ଣ ଅବିନାଶ ବି ବୁଝିନାହିଁ। କେହି ବି ବୁଝି ନାହାନ୍ତି । କେହି ବି ବୁଝିବା ଆବଶ୍ୟକ କ'ଣ ? ମୀନୁ କ'ଣ କେବେ କିଛି କହେ ? ସମୁଦ୍ର ପରି ତା' ଭିତରଟା। ସବୁକିଛି ନିଜ ଭିତରେ ସମାହିତ କରି ଉପରକୁ ସ୍ଥିର ଜଣାପଡୁଥାଏ।

ଆଜି ମୀନୁକୁ କଷ୍ଟ ଲାଗୁଥିଲା । କ'ଣ ଗୋଟେ ମନେ ପଡୁଛି ତା'ର। ସେ ଚେଷ୍ଟା କରି ବି ସେଇଟାକୁ ନିଜ ଭିତରୁ କାଢ଼ି ନାରୁନାହିଁ। ସେ ସମ୍ପୂର୍ଣ୍ଣ ଲୁହ ଜୁଡୁବୁଡୁ ହେଇ ସାରିଥିଲା। ଛାତିତଳୁ କେହି ଜଣେ ତା' ନାଁ ଧରି ଡାକୁଥିଲା। କେହି ଜଣେ। କିଏ ସେ ! କେହି ନ ବୁଝିଲେବି ସେଇ କରୁଣ ସ୍ୱରଟି ଯେମିତି ବୁଝିପାରୁଛି ମୀନୁର କଥା। ରୋଷେଇ ଘରେ ପଶିଲା ସେ। ଚିରାଚରିତ ଜୀବନ। ରଟିନ୍ ଗୁନ୍ଥା ସମୟ।

ଖୁଉବ ଆତ୍ମୀୟତାଭରା ସ୍ୱରଟିଏ ଶୁଭୁଚି ତାକୁ। କେହି ଜଣେ.... ଯାହାକୁ ହୁଏତ କେବେ ଦେଖିନାହିଁ ତା' ଜୀବନ କାଳରେ, କିନ୍ତୁ ମର୍ମେ ମର୍ମେ ଅନୁଭବ କରିଛି ତା'ର ଉପସ୍ଥିତି। ଯେତେବେଳେ ସେ ସମ୍ପୂର୍ଣ୍ଣ ଏକଲା ହୋଇଯାଏ, ଯେତେବେଳେ କେହି କୁଆଡେ ନ'ଥାନ୍ତି, ଯେତେବେଳେ ତା' ଆଖାପାଖର ସମୟ ଘୁମେଇ ପଡ଼ିଥାଏ... ଠିକ୍ ସେତିକି ବେଳେ ହିଁ ଶୁଣାଯାଏ ସେ ସ୍ୱର। ଖୁଉବ୍ ଇଚ୍ଛା ହୁଏ ସେଇ ବାୟବୀୟ ଅଦୃଶ୍ୟ ଆତ୍ମୀୟର ରକ୍ତ ମାଂସର ଆକୃତିଟିଏ ଦେଖିବାକୁ। ନା... ସବୁ ଅଳିକ.... ସବୁ କଳ୍ପନା। ଅବଚେତନ ମନର ଉଦ୍‌ଭାସ କେବେ କ'ଣ ସତ ହୁଏ .... ?

ମୀନୁ ପିଠା ଖଡ଼ିକା ଧରି କଡ଼େଇ ବସାଇଲା ଚୁଲି ଉପରେ। ତାକୁ ଲାଗିଲା ସେଇଟା ଖଡ଼ିକା ନୁହେଁ, ଗୋଟେ ହାତ। ଆଶ୍ୱାସନାର ହାତ, ଯିଏ କି ମୀନୁକୁ ସାହାରା ଦେଉଛି, ଆତ୍ମବିଶ୍ୱାସର ସ୍ପର୍ଶ ଦେଉଛି। ଧାତବ ଶରୀରଟି ଲାଗୁଛି ନରମ ରକ୍ତ ମାଂସର ଉଷୁମ ଦେହ ପରି। ସାମ୍ନାରେ ଗ୍ୟାସ ଉପରେ କଡ଼େଇ ନୁହେଁ। କେହି ଜଣେ ବସିଛି, ଏକାନ୍ତ ନିଜର। ସେ ଗପୁଛି ଆଉ ଗପୁଛି। ତା'ଛାତି ତଳର ସାଇତା ଅବଦମିତ ବେଦନାର କଥା। ଯେଉଁସବୁ କଥା ସେ ଆଜି ପର୍ଯ୍ୟନ୍ତ କାହାକୁ କହି ପାରିନାହିଁ। ସେଇ ଅଦୃଶ୍ୟ

ନିଜର ପରି ଲାଗୁଥିବା ମିଣିଷଯିକୁ ଆଜି ସେ ହୁଏତ କହିଦେବ ସବୁକଥା। ତା' ଏକଲାପଣର ଅନ୍ତର୍ଦାହ କଥା।

କିନ୍ତୁ ନା, ତାହା ସମ୍ଭବ ନୁହେଁ। ଗୋଟିଏ ଝଟ୍‌କାରେ ମୀନୁ ଚହଲିଗଲା। ତମେ ଟିଭି ଦେଖୁ ଦେଖୁ ପାଟିକରି କପେ ଚା ପାଇଁ ଫରମାଇସ କଲ। ତମର ହଠାତ୍ ଏ ପ୍ରକାର ଆଚରଣରେ ମୀନୁ ଗୁରୁ ଗୁରୁ ହେଲା । କିନ୍ତୁ କିଛି କହି ପାରିଲା ନାହିଁ। କେମିତି ବି କହି ପାରିଥା'ନ୍ତା। ତମେ ବି ମୀନୁ ପାଇଁ କ'ଣ ନକରିଛ। ଅବିନାଶ ଆଉ ମୀନୁ କେବେ ବି ତମ ଋଣ ଶୁଝିପାରିବେ କି ?

ପାଖାପାଖି ଦେଢ଼ ବର୍ଷ ତଳର କଥା । ତମେ ତ ସେତେବେଳକୁ ଯା'ଠୁ ବେଶୀ ନିବିଡ଼ ଭାବରେ ମିଶୁଥିଲ ଏମାନଙ୍କ ସହ। କାରଣ ଗୋଟିଏ ସହରରେ ହିଁ ତମେ ରହୁଥିଲ। ଅବିନାଶ ସହ ମୀନୁର ପାଞ୍ଚ ବର୍ଷ ତଳୁ ବିବାହ ହୋଇ ଯାଇଥିଲା। କିନ୍ତୁ ଯେଉଁ ଆଶାରେ ସେମାନେ ସୁଖ ସଂସାରର ସ୍ୱପ୍ନ ଦେଖିଥିଲେ ସେ ଆଶା କଣ ପୂରଣ ହୋଇଥିଲା ?

ମୀନୁର ବାରମ୍ବାର ମିସ୍‌କ୍ୟାରେଜ୍ ହେଲା। ଦୁଇଥର ହେବା ପରେ ଭାରି ବିବ୍ରତ ହୋଇ ପଡ଼ିଥିଲେ ସେମାନେ। ସେତେବେଳେ ସାନ୍ତ୍ୱନା ଓ ଆଶ୍ୱସନା ଦେବାକୁ, ସବୁ ପ୍ରକାର ସାହାଯ୍ୟ ସମର୍ଥନ ଦେବାକୁ ଆଉ କିଏ ଥିଲା କି ? ତମେ ହିଁ ତ ଥିଲ। ତମ ଉପସ୍ଥିତିରେ ତୁମ ବନ୍ଧୁ ଗାଇନିକ୍ ପ୍ରଫେସର ପାରୁ ପର୍ଯ୍ୟନ୍ତ ଟ୍ରିଟ୍‌ମେଣ୍ଟ କରିଥିଲେ। ମୀନୁ ବି ଡାକ୍ତରଙ୍କର ସବୁ କିଛି ଉପଦେଶ ମାନିଥିଲା। ଢାଣ ଥେର ପିଲା ପାଞ୍ଚମାସ ଯାଏ ରହିଯାଇଥିଲା। ରିସ୍କ ପିରିଅଡ୍ ଟପିଯିବା ପରେ ତମେ ନିଜେ ମୀନୁ ଓ ଅବିନାଶକୁ ମିଠା ଖୁଆଇଥିଲ। ତମର ପ୍ରଫେସର ବନ୍ଧୁଙ୍କୁ କୃତଜ୍ଞତା ଜଣାଇଥିଲ।

ସେଦିନ ମୀନୁ ଶୋଇ ପଡ଼ିଥିଲା କ୍ଲାନ୍ତ ହୋଇ। ଘର କାମ ପ୍ରତି ଡାକ୍ତର ମନା କରିଥିଲେ। କିନ୍ତୁ ମୀନୁ କ'ଣ ମାନିବା ଝିଅ। ବାପା, ମା' ଭାଇ ଭଉଣୀ ସମସ୍ତେ ତା ପାଖକୁ ଆସିଥିଲେ। ଢେର ରାତି ପର୍ଯ୍ୟନ୍ତ ହସ ଖୁସି ଚାଲିଥିଲା। ସକାଳୁ ପୁଣି ଦୁର୍ଯୋଗ। ମିସ୍ କ୍ୟାରେଜ୍। ବ୍ଲିଡିଂ ବନ୍ଦ ହେଲାନାହିଁ। ନର୍ସିଂହୋମରେ ଆଡ୍‌ମିସନ ହେଲା। ଅସମ୍ପୂର୍ଣ୍ଣ ମୃତ ସନ୍ତାନଟିଏ ଜନ୍ମହେଲା। ଏହାର କୌଣସି ବିକଳ୍ପ ନ ଥିଲା। ମୀନୁ ଭାଙ୍ଗି ପଡ଼ିଥିଲା ଦୁଃଖରେ । ତମେ ତ ମୀନୁର ପାଖ ଛାଡ଼ି ନଥିଲ। ଔଷଧପତ୍ରଠୁ ଆରମ୍ଭ କରି ବ୍ଲଡ୍ ଯୋଗାଡ଼ ପର୍ଯ୍ୟନ୍ତ ତମେ ହିଁ ଥିଲ। ଅବିନାଶ ସ୍ୱାମୀ ହିସାବରେ ବି କ'ଣ କରିପାରିଥିଲା ?

ନର୍ସିଂହୋମ୍‌ରେ ତମେ ଆତ୍ମବିଶ୍ୱାସର ଟିପ୍‌ସ୍ ବି ଦେଉଥିଲ। କଥା ଛଳରେ ମୀନୁକୁ କହୁଥିଲ - ଅମୁକ ବାବୁଙ୍କ ସ୍ତ୍ରୀଙ୍କର ଯା' ଠାରୁ ଅଧିକ ହୋଇଥିଲା। ଏବେ ସେ ଦୁଇଟି ପିଲାର ମା'। ଅମୁକ ବାବୁଙ୍କ ସ୍ତ୍ରୀ ମରୁ ମରୁ ବଞ୍ଚିଥିଲେ। ତାଙ୍କ ଝିଅ ଏବେ ଷ୍ଟାଣ୍ଡାର୍ଡ ଥ୍ରୀରେ ପଢୁଛି। ସତେ ଯେମିତି ମିସ୍ କ୍ୟାରେଜ୍ ଆଉ ଗାଇନିକ୍ କେସ୍‌ର ନିଉଜ ତମ ଜିଭ ଅଗରେ। ମୀନୁ ଭଲଭାବରେ ଜାଣିଥିଲା ଏଗୁଡ଼ିକ କେବଳ ସାମୟିକ ପ୍ରବୋଧନା ମାତ୍ର। ତା'ର ନିଜ କ୍ଷେତ୍ରରେ ଆଉ କିଛି ଭୟଙ୍କର ସତ୍ୟ ଲୁଚି ରହିଥାଇ ପାରେ। ମୀନୁ ତମ ପ୍ରତି ବେଶୀ କୃତଜ୍ଞ ଥିଲା ଏଇଥି ପାଇଁ ଯେ ଅବିନାଶ ଅଫିସ୍ ଛାଡ଼ିବାକୁ ରାଜି ନଥିବା ବେଳେ ତମେ ଛୁଟି ନେଇ ମୀନୁ ପାଖେ ପାଖେ ରହିଥିଲ।

ମୀନୁକୁ ତମେ ସାନ୍ତ୍ୱନା ଦେଉଥିଲ -- ଅବିନାଶର ଚାକିରି ହିଁ ଏହିପରି। ଲମ୍ବା ଛୁଟି ମିଳିବା ସମ୍ଭବ ନୁହେଁ।ତା'ଛଡ଼ା ସେ ଅଧିକ କଣ କରିପାରିଥା'ନ୍ତା ? ପ୍ରଫେସର ବନ୍ଧୁ ତମର, ଅବିନାଶର ନୁହେଁ। ତମେ ହିଁ ନର୍ସିଂହୋମରେ ରହିବା ବେଶୀ ଜରୁରୀ। ଅବଶ୍ୟ ମୀନୁର ମା' ବି ପାଖେ ପାଖେ ଥିଲେ। ବିଡ଼ମ୍ବନା ଦେଖ ତ ! ମୀନୁର ଶାଶୁ ଶ୍ୱଶୁର ଆସିଲେ। ଓଳିଏ ମୁହଁ ମାରି ଦେଇ ପୁରି ଗାଁକୁ ଚାଲିଗଲେ।

ମୀନୁ ସେ'ଥର ନର୍ସିଂହୋମ୍‌ରେ ପୂରା ଦଶଦିନ ରହିଲା। ପ୍ରାୟ ଚାରି ପାଞ୍ଚ ଦିନ ଭଲରେ କଥା ବି କହିପାରୁନଥିଲା। ଅବିନାଶ ଦିନକୁ ଦୁଇ ତିନି ଥର ମୁହଁ ମାରି ଆସନ୍ତି। ମୀନୁ ପାଖରେ କିଏ ଛାଇ ପରିଥାଏ ? ମୀନୁର ମା' ଆଉ ତମେ ତ ! ଏବେବି ମୀନୁ ଓ ଅବିନାଶ କ'ଣ ଭୁଲିପାରିବେ, ମୀନୁ ପାଇଁ ନେଗେଟିଭ୍ ବ୍ଲଡ୍ ଯୋଗାଡ଼ କରିବା କଥା। ଏପରି ବିରଳ ରକ୍ତ ସହଜରେ ମିଳେନି। କିନ୍ତୁ ବ୍ଲଡ୍ ଖୋଜିବା ପାଇଁ ତମେ ତ ରାତି ଦିନ ଏକାଠି କରି ଦେଇଥିଲ।

ମୀନୁ ଯଦି ଜୀବନ ନେଇ ଫେରିଥାଏ କେବଳ

ତମ ପାଇଁ। ଡକ୍ଟର କହୁଥିଲେ ମିସ୍ କ୍ୟାରେଜ୍ ସହ ଆଉ ଗୋଟିଏ କ'ଣ ଅସୁବିଧା ଅଛି ମୀନୁର। ତମେ ଅବଶ୍ୟ ସେ ଅସୁବିଧା କଥା ଜଣାଇ ନଥିଲ। କିନ୍ତୁ ସମୟ ଏମିତି ହେଲା ଯେ ତମେ ଅବିନାଶକୁ ଜଣାଇବାକୁ ବାଧ୍ୟ ହେଲ। ଅବସ୍ଥା ଅଣାୟତ୍ତ ହେବାରୁ ଡକ୍ଟର ପରାମର୍ଶ ଦେଲେ ଇଉଟ୍ରେସ୍‌ଟିକୁ ବାହାର କରି ଦେବାକୁ ପଡ଼ିବ। ତା'ନହେଲେ କ୍ୟାନସର ହେବାର ସମ୍ଭାବନା ଅଛି। ମୀନୁର ସ୍ୱାସ୍ଥ୍ୟ ଖରାପ ଆଡ଼କୁ ଗତିକରି ପାରେ।

ମୀନୁ ଢ଼େର କାନ୍ଦିଥିଲ ଏକଥା ଶୁଣି। କାରଣ ସେ କେବେବି ମା' ହୋଇ ପାରିବନି ଏ ଜୀବନରେ । ଅବିନାଶ ତ ଏକଥା ଜଣାଇଦେଇ ନୀରବ ରହିଗଲେ ଆଉ ଯଥାରୀତି ଅଫିସ୍ ଚାଲିଗଲେ। ତମେ ପାରୁ ପର୍ଯ୍ୟନ୍ତ ବୁଝାଇବାରେ ଲାଗିପଡ଼ିଲ।

ମୀନୁ ଦିନକୁ ଦିନ ଦୁର୍ବଳ ହେଇ ପଡୁଥିଲା। ବ୍ଲିଡିଂ ବନ୍ଦ ହେଇ ନଥାଏ। ଶେଷରେ ନିଷ୍ପତ୍ତି ନିଆଗଲା -- ଅପରେସନ। ଇଉଟ୍ରେସ୍ ବାହାର କରି ଦିଆଗଲା। ପୁଣି ସାତ/ଆଠ ଦିନ ନର୍ସିଂହୋମ୍ ରେ ମୀନୁ ରହିଲା।

ତମେ ତ ଛାଇ ପରି ମୀନୁ ପାଖେ ପାଖେ ରହିଲ। ତମର ଏଇ ଆତ୍ମୀୟତା ଓ ଆନ୍ତରିକତାକୁ ମୀନୁ କ'ଣ କେବେ ଭୁଲି ପାରିବ ? ଅବିନାଶ ତ କଥା ପଦକରେ ଛଳ ଛଳ ହେଇଯାଏ ତମ ପ୍ରତି।

ତମେ କି ପ୍ରକାରରେ ଅବିନାଶ ଓ ମୀନୁ ସହ ସମ୍ପର୍କିତ, ତା'ର ନିର୍ଯ୍ୟାସ ବାହାର କରିବା କଠିନ। ତମେ ସବୁବେଳେ କୁହ - ସମ୍ପର୍କଟିଏ ବଞ୍ଚାଇ ରଖିବା ପାଇଁ ବିଶ୍ୱାସ ହିଁ ଭିତ୍ତିଭୂମି। ସେଇ ବିଶ୍ୱାସଟିକୁ ଏଯାଏଁ ତମେ ଧରି ରଖିଛ। ତମର ଟ୍ରାନ୍ସଫର ହୋଇଯାଇଛି ଏହି ସହରଠୁ ଷାଠିଏ କି.ମି. ଦୂର ଆଉ ଏକ ଛୋଟ ସହରକୁ। କାର୍ଯ୍ୟର ଚାପ ଯୋଗୁ ତମେ ବାରମ୍ବାର ଅସିପାରୁ ନାହିଁ। ତଥାପି ବେଳେ ଅବେଳରେ ମନେ ପକାଉଛ ଏମାନଙ୍କୁ।

ତମ ଆଖି ଏବେ ଟିଭି ଉପରେ । କିନ୍ତ ତମର ମନ ଆଉ କୁଆଡେ ଥିଲା। ତମେ ଅନ୍ୟମାନଙ୍କ ସୁବିଧା ଅସୁବିଧା ପ୍ରତି ବେଶ୍ ସଚେତନ। ତମ ମନ ଭିତରେ କ'ଣ ଥାଏ ତାହା ସହଜରେ ତମେ କାହାକୁ କୁହନାହିଁ। ତମ ଆଖିଦୁଇଟି ଭାବପ୍ରବଣତାର ସୀମାରେଖା ଟପି ସାରିଥିଲା। କୌଣସି ଏକ କାରଣରୁ ତମେ ଚିନ୍ତିତ ଥିଲ। ତମକୁ ତମ ମନକଥା କେହି ବି ପଚାରନ୍ତି ନାଇଁ। ତମ ସୁଖଦୁଃଖ, ହସଲୁହରେ ଭାଗ ନେବାକୁ କାହାରି ଆଗ୍ରହ ନଥାଏ। ଏହା ତମେ ଜାଣି ସବୁକିଛି ନିଜ ଭିତରେ ଚାପି ଦିଅ କି କ'ଣ।

ତମ ଅଲକ୍ଷ୍ୟରେ ମୀନୁ ଚା କପ୍‌ଟି ଧରି ଛିଡ଼ା ହେଇଥିଲା। ତମେ ପ୍ରକୃତିସ୍ଥ ହେବା ପରେ ଲଜ୍ଜିତ ହେଲ। ସେ ଚୁପ୍‌ଚାପ୍ କପ୍‌ଟି ବଢ଼ାଇଦେଲା ଓ ତମେ ନୀରବରେ ପିଇ ଚାଲିଲ। ମୀନୁ ତମକୁ କିଛି ପଚାରୁ ନଥିଲା ଓ ତମେ ତମ ଆଡୁ ତମ କିଛି ପ୍ରସଙ୍ଗ ଉଠାଇଲ ନାହିଁ। ବିନା ପ୍ରସଙ୍ଗରେ ହିଁ ଚା କପ୍‌ଟି ସରିଗଲା। ଖାଲି କପ୍‌ଟିକୁ ତମେ ବଢ଼ାଇଦେଲ ମୀନୁ ହାତକୁ।

ତମ ଜୀବନଟା ହୁଏତ ଏମିତି - ଖାଲି କପ୍ ପରି। ଶୂନ୍ୟ, ଆକାରହୀନ।

ତମଠାରୁ ଚା କପ୍‌ଟି ନେଇ ମୀନୁ ରୋଷେଇ ଘରକୁ ଗଲାନାହିଁ। ଠିଆ ହୋଇ ରହିଲା। ମୀନୁକୁ ଲାଗିଲା ସେ ଖାଲି କପ୍ ନୁହେଁ ବରଂ ସଜ ଫୁଲଟିଏ ଧରିଛି। ଏଇମାତ୍ର କେହିଜଣର ବଢ଼େଇ ଦେଇଛି। ମହକି ଯାଉଛି ସାରା କୋଠରି। ଗୋଟିଏ ଆତ୍ମତୃପ୍ତିର ଚରମ ପୁଲକ। ଏଇ ପୁଲକଟି ଖୁଉବ୍ ଆକାଂକ୍ଷିତ। କିନ୍ତୁ ବାସ୍ତବ ଜୀବନରେ କେବେ ବି ପରିପୂର୍ଣ୍ଣ ସଂସାରଟିଏ ଗଢ଼ି ପାରିବ ନାହିଁ। କେବେ ବି ମାତୃତ୍ୱ ଲାଭ କରିପାରିବ ନାଇଁ।

ମୀନ ଆଖିରେ ଲୁହ ବହି ଆସିଲା ଧାର ଧାର ହୋଇ। ତମେ ଜାଣିପାରିଲ ତା ଦୁଃଖ। କିଛି କହିଲ ନାହିଁ। କିଛି ଦୁଃଖ ଲୁହହେଇ ବହି ନ ଗଲେ ଛାତି ତଳଟା କେବେ ବି ହଲକା ଲାଗିବ ନାଇଁ।

ତମେ ଖାଲି ଆଖିରେ ମୀନୁକୁ ଚାହିଁଲ । ଚଷମାଟା ଆଣିବାକୁ ଭୁଲିଗଲ କେମିତି ? ତଥାପି ମାଇନସ୍ ୱାନ୍ ଆଖି ଦୁଇଟିରେ ସେତେ ଅସ୍ପଷ୍ଟ ହେଇ ନଥିଲା ମୀନୁର ମୁହଁଟି। ସେ ଠିଆହୋଇ ରହିଥିଲା ପାଷାଣ ମୂର୍ତ୍ତି ପରି। ପ୍ରତିକ୍ରିୟା ଶୂନ୍ୟ, ଭାବଲେଶ ହୀନ।

ତମେ ନିମ୍ନ ସ୍ୱରରେ କିଛି ପଚାରିଲ ମୀନୁକୁ। ମୀନୁ କହିଲା - ଦୟାକରି ଆପଣ ସେ ପ୍ରସଙ୍ଗ ଉଠାନ୍ତୁ ନାହିଁ। ମୁଁ ଯେମିତି ଅଛି ମୋତେ ସେମିତି ରହିବାକୁ ଦିଅନ୍ତୁ।

ମୁଁ ଜାଣିଛି ଏହାର ସମାଧାନ କେବେ ବି ସମ୍ଭବ ନୁହେଁ। ଯଦିଓ ବିକଳ୍ପରେ କିଛି ଥାଇପାରେ, ସେଥିରେ ମୁଁ ସାରାଜୀବନ ସୁଖୀ ହେଇ ପାରିବି ନାହିଁ।

ତମେ ଇଆଡ଼େ ସିଆଡେ ଚହିଁ ପଚାରିଲ -- କ'ଣ ଗୋଟେ ପୋଡ଼ି ଯାଉଛି ମୀନୁ ! ରୋଷେଇ ଘରେ କ'ଣ ବସିଛି କି ଗ୍ୟାସ ଉପରେ... ?

ମୀନୁ ଚମକି ପଡ଼ିଲା ଓ ଧାଇଁଗଲା ରୋଷେଇ ଘରକୁ । ମୀନୁ ପଛେ ପଛେ ତମେ ବି । ତମ ପାଇଁ ଚା ତିଆରି କରିବା ବେଳକୁ ମାଛ ଗରମ ତେଲରେ ପକାଇଥିଲା। ପୋଡ଼ି ଅଙ୍ଗାର ହେଇଯାଇଛି।

ତମେ ଅଳ୍ପ ହସି କହିଲ - ଏତେଟା ଅନ୍ୟମନସ୍କ ହେବା ଠିକ୍ ନୁହେଁ। କେବେ ବି ପୋଡ଼ି ନ ଥା'ନ୍ତା। ମୀନୁ ସାଧାରଣ ଭାବରେ ଉତ୍ତର ଦେଲା ଓ କଡ଼େଇରୁ ପୋଡ଼ାମାଛ ବାହାର କରିବାରେ ଲାଗିଲା।

ତମେ ହାତ ଘଣ୍ଟା ଦେଖିଲ। ବାରଟା ବାଜିବାକୁ ଦଶମିନିଟ୍ ବାକି । ପୁଣି ମୀନୁକୁ ପଚାରିଲ - ଅବିନାଶ କେତେବେଳେ ଫେରିବ ?

ମୀନୁ ଉତ୍ତର ଦେଲା ନାହିଁ । ହୁଏତ ଆବଶ୍ୟକ ମନେ କଲା ନାହିଁ। ତମେ କେତେବେଳୁ ଡ୍ରଇଂରୁମ୍‌କୁ ଚାଲିଗଲଣି। ମୀନୁର ରୋଷେଇ ବି ସରିଲାଣି। ରୋଷେଇ ଘରେ ଏକଡ଼ ସେକଡ଼ ହେବା ଭିତରେ ମୀନୁ ପୋଡ଼ାମାଛକୁ ଚାହୁଁଛି। ଭାବୁଛି, ପୋଡ଼ାମାଛ ଆଉ ତା'ଭିତରେ ଫରକ୍ କ'ଣ ? କିଛି ବି ନାଇଁ।

ସମୟର କ୍ରୁର ସ୍ପର୍ଶ ତା'ଠାରୁ ମାତୃତ୍ୱ କାଢ଼ିନେବା ପରେ ସେ କି ପ୍ରକାରର ଜୀବନ ନେଇ ବଞ୍ଚିଛି, ସେ କଥା କେବଳ ସେ ହିଁ ଜାଣେ। ଏତେ ବଡ଼ ଧକ୍‌କାକୁ ଖୁଉବ୍ ହାଲ୍‌କା ଭାବରେ ନେଇଗଲେ ଅବିନାଶ। ଯେମିତି ସାମାନ୍ୟ ରୋଗଟିଏ। ଔଷଧ ଖାଅ ଆଉ ଭଲ ହେଇଯାଅ। କିନ୍ତୁ ଆଗାମୀ ସମୟରେ ?

ମୀନୁ ଲକ୍ଷ୍ୟ କରିଛି ଅପରେସନ୍ ପରଠାରୁ ଅବିନାଶ କିଛି ନ କହିଲେ ମଧ୍ୟ ତାଙ୍କ ଆଚରଣରେ ଢେର୍ ପରିବର୍ତ୍ତନ ଆସିଛି। ବେଶୀ ସମୟ ବାହାରେ ରହିବାକୁ ଓ ଅଫିସ୍‌ରୁ ଡେରିରେ ଫେରିବାକୁ ପସନ୍ଦ କରୁଛନ୍ତି। ଘରେ ମୀନୁପ୍ରତି ସୁନ୍ଦର ବ୍ୟବହାର। ଯେପରି କିଛି ହୋଇନାହିଁ ବା ହେବାର ସମ୍ଭାବନା ନାହିଁ, କି କେହି କାହାଠାରୁ ଦୂରେଇ ନାହାନ୍ତି।

ମୀନୁ ବେଶ୍ ବୁଝିପାରିଛି ଅବିନାଶଙ୍କ ମନ କଥା। ଏବେ ନିର୍ଜନ ଘର ହିଁ ତା'ର ସାଥୀ। ବହି ପଢ଼ି, ଗୀତ ଶୁଣି ସମୟ ବିତେଇ ଦେଉଛି। ଯାହା ଘଟିଛି ବା ଘଟିବାକୁ ଯାଉଛି ମୀନୁ ତାକୁ ଗ୍ରହଣ କରିବାକୁ ସାଲିସ୍ କରି ନେଇଛି ନିଜ ପରିସ୍ଥିତି ଓ ଭାଗ୍ୟ ସହ ।

ଦିନ ଗୋଟାଏ।

ଅବିନାଶ ଫେରିନାହିଁ। ତମେ କେତେ ସମୟ ବା ଅପେକ୍ଷା କରିଥା'ନ୍ତ। ତମକୁ ଏବେ ଯିବାକୁ ପଡ଼ିବ। ମୀନୁଠାରୁ ବିଦାୟ ମାଗିଲ। ମୀନୁ ବିଦାୟ ଦେଲା ନାହିଁ। କହିଲା -- ଅବିନାଶ ନ ଆସିଲେ ନାହିଁ, ଆପଣଙ୍କୁ ଲଞ୍ଚ୍ ସାରି ଯିବାକୁ ପଡ଼ିବ।

ତମେ ମନା କଲ । କହିଲ -- ଏବେ ସିଧା ତମେ ଏକ ବିବାହ ଭୋଜିକୁ ବାହାରିଛ। ତମ ସାଙ୍ଗର ଭଉଣୀ ବହାଘର। ନ ଗଲେ କଥାଟା ଖରାପ ହେବ। ତମେ କଥା ଦେଇ ସାରିଛ ଓ ଆଜି ଆସି ସାରିଛ ବୋଲି ଜଣାଇ ଦେଇଛ।

ତମେ କ'ଣ ସତରେ ବାହାଘର ଭୋଜିକୁ ବାହାରିଛ ? ଅବା କେଉଁ ଏକ ଗୁପ୍ତ ଅଭିମାନରୁ ତମେ ଚାଲିଯାଉଛ ଏମାନଙ୍କ ପାଖରୁ। ତମେ ତ ତମ କଥା କେବେ କାହା ଆଗରେ କୁହ ନାହିଁ। ସୁତରାଂ ତମର ଏ ଉକ୍ତିଟିର ସତ୍ୟାସତ୍ୟ ଜାଣିବା ବଡ଼ କଷ୍ଟକର ବ୍ୟାପାର।

ତମେ କିଛି ଗୋଟାଏ ଅସୁବିଧାରେ ପଡ଼ିଛ। ହୁଏତ ଅବିନାଶ ଆଗରେ କହିଥା'ନ୍ତ। ତମର ଅର୍ଥ ଆବଶ୍ୟକ ଥାଇପାରେ। ନା, ଏଇଟା ସତ ନୁହେଁ। ତମେ ଜୀମବନରେ କେବେହେଲେ ଅର୍ଥକୁ ଗୁରୁତ୍ୱ ଦେଇନାହିଁ। ତା'ଛଡ଼ା ତମେ ଚାକିରି କରିଛ। ତା'ହେଲେ ତମେ ମାନସିକ ସ୍ତରରେ ଭାଙ୍ଗିପଡ଼ିଛ ? ତେଣୁ ମନ ପରିବର୍ତ୍ତନ ପାଇଁ ଏମାନଙ୍କ ପାଖକୁ ଆସିଥାଇ ପାର। ଏମାନଙ୍କ ଠାରୁ ବଳି ଆତ୍ମୀୟ ଆଉ କିଏ ଅଛନ୍ତି ଯେ ? ତମେ ଅନେକ ଦିନରୁ ପିତାମାତାଙ୍କୁ ହରାଇଛ। ସାବତ ଭାଇ ଭଉଣୀଙ୍କ

ସହ ତମର କିଛି ସମ୍ପର୍କ ନାହିଁ । ତମେ ବି ଅଦ୍‌ଭୁତ । ଏଯାଏଁ ବିବାହ କରିନାହଁ । ସେ ପ୍ରସଙ୍ଗ ପଡ଼ିଲେ ତମେ ନୀରବ ରୁହ କିମ୍ବା ସ୍ଥାନ ଛାଡ଼ି ଚାଲିଯାଅ । ତମର କ'ଣ ହେଇଛି ? ତମେ ପ୍ରକୃତରେ ଯେମିତି, ସେମିତି ଜଣାପଡୁନ ଆଜି ।

ମୀନୁ ଆଉ ଥରେ ଅନୁରୋଧ କଲା ।

ତମେ କହିଲ - ସକାଳ ଦଶଟାରୁ ଆସି ଜଳଖିଆ ଖାଇଲି । ଚା ପିଇବା ଛଳରେ ମାଛକୁ ପୋଡ଼ିଦେଲି । ଏତିକି କ'ଣ ଯଥେଷ୍ଟ ନୁହେଁ ?

ତମେ ଧୀରେ ଧୀରେ ହସୁଥିଲ ଓ ସେଇ ହସିବା ଭିତରେ ମନେ ପଡ଼ିବା ପରି ସାମାନ୍ୟ ଚମକି ଉଠି କହିଲ - ଜାଣିଛ ମୀନୁ, ମାଛ ମଣିଷ ଜୀବନର କେଉଁ ଦିଗଟିକୁ ସୂଚିତ କରାଏ ?

– ମୀନୁ ସାମାନ୍ୟ ସ୍ମିତ ଆଖିରେ ଚାହିଁଲା ଓ ଅଙ୍କଟିଏ ସମାଧାନ କଲାପରି କହିଲା - ହାତ ପାଆନ୍ତାକୁ ଆସୁ ନଥିବା ଲୋଭନୀୟ ସୁଖ ।

– କେବେ ନୁହଁ । ମାଛ ଏକ ପରିପୂର୍ଣ୍ଣ ଜୀବନର ପ୍ରତୀକ । ସୁଖ, ଶାନ୍ତି ଓ ଆନନ୍ଦର ସୂଚନା ଦେଉଥିବା ପ୍ରକୃତିର ଏକ ଅନବଦ୍ୟ ସୃଷ୍ଟି । ସେଇଥିପାଇଁ ଜୀବନ୍ତ ମାଛ ସବୁ ସମୟରେ ଶୁଭ ବୋଲି ବିବେଚନା କରାଯାଏ ।

ତମେ ଏକଥା କହିଲ ଆଉ ଟେବୁଲ ଉପରୁ ପ୍ୟାକିଂଟିକୁ ଆଣି ମୀନୁ ହାତକୁ ବଢ଼ାଇ ଦେଇ କହିଲ - ହ୍ୟାପି ମ୍ୟାରେଜ୍ ଆନିଭର୍ସରି !

ଏଥର ପ୍ୟାକିଂଟି ଉପରୁ ତମେ ଧୀରେ ଧୀରେ କଭର ହଟାଇବାକୁ ଆରମ୍ଭ କଲ । ସମ୍ପୂର୍ଣ୍ଣ ଅନାବରଣ କରିବା ପରେ ଏକ ସୁଦୃଶ୍ୟ ବଲ୍ ଆକ୍ୱାରିଅମ୍ ଶୋଭା ପାଉଥିଲା । ସୁନେଲି, ରୂପେଲି ଓ ରଙ୍ଗ ବେରଙ୍ଗର ଟିକି ଟିକି ମାଛ ପହଁରି ବୁଲୁଥିଲେ ପାଣି ଭିତରେ ହାତ ପାଆନ୍ତାର ସ୍ୱପ୍ନ ପରି ।

ତମେ ହସୁଥିଲ । ତମ ହସରେ ଅନକ ଶୁଭ କାମନାର ବାସ୍ନା ଖେଳିଯାଉଥିଲା ଚାରିଆଡ଼େ ।

ମୀନୁ ମୁଣ୍ଡ ଭିତରେ ଗୋଟିଏ ପରେ ଗୋଟିଏ ବିସ୍ଫୋରଣ । ଆଜି ତାଙ୍କର ବିବାହ ବାର୍ଷିକୀ । ଏପରି ଶୁଭଦିନରେ ସେ ଉପହାର ଗ୍ରହଣ କରୁଛି କାହା ପାଖରୁ ଯେତେବେଳେ କି ସେ ସମ୍ପୂର୍ଣ୍ଣ ଏକୁଟିଆ । ଅବିନାଶଙ୍କ ପାଖରେ ସମୟ ନାହିଁ । ଜୀବନର ସୁଖଭର୍ତ୍ତି ମୁହୂର୍ତ୍ତ ସବୁ ଚୂନା ଚୂନା ହେଇ ଝରି ପଡୁଥିବା ବେଳେ କେହି ଜଣେ ଶୁଭ ଆଉ ସୁଖ, ଶାନ୍ତିର ପ୍ରତୀକକୁ ଉପହାର ଦେଉଛି ।

ମୀନୁର ମୁଣ୍ଡ ବୁଲାଇ ଦେଲା । ହାତ ଥରିଲା । ପ୍ରଥମେ ଅଭିମାନଭରା ଶିହରଣ । ତାପରେ ଦୁଃଖାର୍ତ୍ତ କମ୍ପନ । ତାପରେ... ତାପରେ....

ଝଣ୍ ଝଣ୍ ହେଇ ବଲ୍ ଆକ୍ୱାରିଅମ୍ ଖସିପଡ଼ିଲା ଚଟାଣ ଉପରେ । ଚାରିଆଡ଼େ ପାଣି ଆଉ ଛୋଟ ଛୋଟ କାଚର ଟୁକୁରା । ଅଣାୟତ୍ତ ପାଣିର ସୁଅ ଜୀବନ ପାଇଲା ପରି କୋଠରିର ଏ କୋଣରୁ ସେ କୋଣକୁ ମାଡ଼ିଗଲା । ଟିକି ଟିକି ରଙ୍ଗବେରଙ୍ଗର ମାଛ ସବୁ ଚଟାଣ ଉପରେ ଛଟପଟ ହେଉଥିଲେ । ପାଟି ପାକୁ ପାକୁ କରି ସତେ ଯେମିତି ଜୀବନର ଭିକ୍ଷା ମାଗୁଥିଲେ ।

ମୀନୁ ଦେଖୁଥିଲା ତା' ଜୀବନର ସୁଖ, ଶାନ୍ତି, ସ୍ୱପ୍ନ ଓ ଆଶାର ଟିକି ଟିକି ମାଛମାନଙ୍କ ବିକଳ ସଂଘର୍ଷକୁ ।

ତମେ ଧୀରେ ଧୀରେ ଅସ୍ପଷ୍ଟ ହେଇଯାଉଥିଲ । ବାହାରେ ଦ୍ୱିପହରର ପ୍ରଚଣ୍ଡ ଖରା ଆହୁରି ନିର୍ଜନ ଥିଲା ।

ଢେଙ୍କାନାଳ

# ନୀରବ ପ୍ରତିବାଦ

*ଶ୍ରୀ ସତ୍ୟନାରାୟଣ ନନ୍ଦ*

ଅଫିସରୁ ଫେରି ମନ ଦୁଃଖରେ ବାଲକୋନି ଉପରେ ବସିଥିଲେ ଗୋପବନ୍ଧୁ ବାବୁ। ମନ ଭଲ ଲାଗୁନଥିଲା। ଆଜି ଅଫିସରରେ ଯାହା ସବୁ ଘଟିଲା, ସେଥିରେ ସେ ମର୍ମାହତ। ଏପରି ଏକ ପରିସ୍ଥିତିକୁ ସାମନା କରିବେ ବୋଲି ସେ ଆଦୌ ପ୍ରସ୍ତୁତ ନଥିଲେ, ଅତୀତରେ କେବେ କଳ୍ପନା ବି କରିନଥିଲେ। ତଥାପି ତ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିବ। ସରକାରୀ ଚାକିରୀ, ବିଭିନ୍ନ ନିୟମ କାନୁନ୍‌ରେ ବନ୍ଧା। ଏପରି ଏକ ଆଇନ ତାଙ୍କୁ ଏତେ ଦୁଃଖ ଦେବ ବୋଲି ସେ କେବେ ଆଶା ବି କରିନଥିଲେ। ସଂରକ୍ଷଣ ଆଇନ ଯୋଗୁଁ ତାଙ୍କଠୁ ପଚିଶ ବର୍ଷ ପରେ ଚାକିରୀ କରିଥିବା ବିକାଶ ଆଜି ପଦୋନ୍ନତି ପାଇଲା, ଅଥଚ ସେ ଯେମିତି ଥିଲେ ସେମିତି ରହିଗଲେ। ଆଇନର ତର୍ଜମା କରି ଅଧିକାରୀମାନେ ଏଭଳି ଏକ ଆଦେଶ ପ୍ରଦାନ କରିଛନ୍ତି।

ଦୂର ଅତୀତ ତାଙ୍କ ଆଖି ସାମନାରେ ନାଚି ଯାଉଥିଲା। ବିକାଶର ବାପା ତାଙ୍କ କାର୍ଯ୍ୟାଳୟରେ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଥିଲେ। ଅଫିସକୁ ଲାଗି ସରକାରୀ ଘରେ ସେ ରହୁଥିଲେ। ଗୋପବନ୍ଧୁ ବାବୁ ଯେଉଁବର୍ଷ ଚାକିରୀ ଆରମ୍ଭ କଲେ, ବିକାଶର ଜନ୍ମ ସେଇ ବର୍ଷ। ସେ କଥା ତାଙ୍କର ସ୍ପଷ୍ଟ ମନେ ଅଛି। ବିକାଶର ଜନ୍ମଦିନକୁ ସେ ଭୋଜି ଖାଇବାକୁ ଯାଇଥିଲେ। ଜନ୍ମଦିନର ଉପହାର ବି ଅଫିସ କର୍ମଚାରୀଙ୍କ ତରଫରୁ ବିକାଶକୁ ଦିଆଯାଇଥିଲା। ସେଇ ବିକାଶ ଆଜି ପଦୋନ୍ନତି ପାଇ ତାଙ୍କର ଉପରିସ୍ଥ ଅଫିସର ହେବ। କାଲିଠୁ ସେ ହେବ ବିକାଶର ଅଧସ୍ତନ କର୍ମଚାରୀ। ଏହି ବିଷୟକୁ ସେ ସହଜରେ ହଜମ କରିପାରୁ ନଥିଲେ। ସରକାରୀ ଚାକିରୀ ପ୍ରତି ମମତା ଶିଥିଳ ହୋଇଆସୁଥିଲା। ଏ ଯେ କିଭଳି ଭାବରେ ତାଙ୍କ ମନରେ ଆଘାତ ଲାଗିଛି, ତାହା ସେ ପ୍ରକାଶ କରିବାକୁ ଅସମର୍ଥ। ଏଥିରେ କାହାର ଦୋଷ ? ପ୍ରଚଳିତ ବ୍ୟବସ୍ଥା ବିରୁଦ୍ଧରେ ମନ ତାଙ୍କର ସଂଗ୍ରାମ କରିବାକୁ ସ୍ଥିର କରୁଥିଲା। ହେଲେ ସେ କ'ଣ ବା କରିପାରିବେ ? ସାରା ଦେଶରେ ତ ସବୁଠି ସେଇ ବ୍ୟବସ୍ଥା। ଆଉ ଅଧିକ ଚିନ୍ତା ନକରି ଦୂର ଆକାଶକୁ ଚାହିଁଲେ ସେ। ପଶ୍ଚିମ ଆକାଶରେ ସଂନ୍ଧ୍ୟାତାରା ର ଅପୂରଣ ଶୋଭା, ଧୀର ପବନରେ ଦୋଳାୟମାନ ବୃକ୍ଷରାଶି, ଆକାଶରେ ଅଗଣିତ ତାରକା। ମନୋରମ ପରିବେଶରେ ସେ ନିଜକୁ ସାମିଲ କରିପାରୁନଥିଲେ। କାହାର ପାଦଶବ୍ଦରେ ସେ ପଛକୁ ଫେରି ଚାହିଁଲେ। ତାଙ୍କ ସ୍ତ୍ରୀ ଠିଆ ହୋଇଥିଲେ ନୀରବରେ। ସ୍ୱାମୀଙ୍କି ଏପରି ଭାବନ୍ତର ଦେଖି ସେ ପଚାରିଲେ।

– ଆଜି କ'ଣ ହୋଇଛି ? ଅଫିସରୁ ଫେରି ଏଠି ଏମିତି ଚୁପ୍‌ଚାପ୍ ବସିଛ କାହିଁକି ?

– ତୁମକୁ କହିଲେ ତୁମେ କ'ଣ ବା ବୁଝିବ ? ତଥାପି ପଚାରୁଛ ଯେତେବେଳେ କହୁଛି। ମୋ ଠାରୁ ପଚିଶ ବର୍ଷ ପଛରେ ଚାକିରୀ କରିଥିବା ବ୍ୟକ୍ତି ଯଦି ପଦୋନ୍ନତି ପାଏ, ଆଉ ମୁଁ ସେଥିରୁ ବଞ୍ଚିତ ହୁଏ, ତା'ହେଲେ କ'ଣ ହେବ ମୋର ମନର ଅବସ୍ଥା ?"

– ନିଶ୍ଚିତ ମନ ଦୁଃଖ ହେବ । ହେଲେ ଏମିତି କାହିଁକି ହେଲା, ଏହା ତ ଘୋର ଅନ୍ୟାୟ!

– ତୁମ ପାଇଁ ସିନା ଅନ୍ୟାୟ, ସରକାରଙ୍କ ଆଖିରେ ଏହା ନ୍ୟାୟ। ସଂରକ୍ଷଣ ଆଇନ ଅନୁଯାୟୀ ଏହା

ପୁରା ସମ୍ମତ ।

– ସେ ଗୋଟିଏ କେମିତିକା ଆଇନ, ମୁଁ କିଛି ବୁଝି ପାରୁନି ।

– ସେ ଆଇନକୁ ତୁମେ ବୁଝିପାରିବନି । ଖାଲି ଏତିକି ବୁଝ, ଯାହା ମୁଁ କହୁଛି । ତୁମେ ଭୋଜିକୁ କିଛି ଲୋକଙ୍କୁ ନିମନ୍ତ୍ରଣ କରିଛ । ସମସ୍ତେ ଆସିବେ, ଭୋଜି ଖାଇବେ । ଯଦି ତୁମେ କିଛି ଆପଣାର ଲୋକଙ୍କ ପାଇଁ ଖାଦ୍ୟ ଅଲଗାନେଇ ରଖିବ, ଭୋଜିରୁ ଖାଦ୍ୟ ସରିଯିବ, ଲୋକ ଆସିବେ ଅଥଚ ତୁମେ ସେ ରଖିଥିବା ଖାଦ୍ୟରୁ ନେବ ନାହିଁ । ତା'ହେଲେ ଲୋକ ନଖାଇ ଫେରିଯିବେ, ଭୋଜି ଖାଇବାରୁ ବଞ୍ଚିତ ହେବେ, ଅଥଚ ତୁମର ରଖାଯାଇଥିବା ଖାଦ୍ୟ ଉଦ୍ଦିଷ୍ଟ ବ୍ୟକ୍ତିମାନେ ଖାଇବେ, ଅନ୍ୟମାନେ ତାହାର ବ୍ୟବହାର କରିପାରିବେ ନାହିଁ ।

– ମୋ ମୁଣ୍ଡରେ କିଛି ପଶୁନି, ତୁମେ ଆଉ ଭାଙ୍ଗିପଡ଼ନି । ଆଉ ବା କେତେଟା ଦିନ । ଚାକିରୀ ସରିଗଲେ ଯାଏ ।

– ନା, ମୁଁ ଆଉ ଚାକିରୀ କରିବି ନାହିଁ । ମନରେ ସ୍ଥିର କରିଛି ସ୍ୱେଚ୍ଛାକୃତ ଅବସର ପାଇଁ ଆବେଦନ କରିବି । ସହିବାର ସୀମା ମୋର ଟପିଗଲାଣି ।

– ଏହା କ'ଣ ଶେଷ ସିଦ୍ଧାନ୍ତ । "ପ୍ରଶ୍ନିଳ ଦୃଷ୍ଟିରେ ଚାହିଁଲେ ସ୍ତ୍ରୀ ।

– ଏହାଠୁ ଭଲ ସମାଧାନ ଆଉ କିଛି ନାହିଁ । କାଲି ଅଫିସରେ ମୁଁ ଏହା ପାଇଁ ଆବେଦନ କରିବି । ଉଦାସ କଣ୍ଠରେ କହିଲେ ଗୋପବନ୍ଧୁ ବାବୁ ।

ତା'ପରଦିନ ଅଫିସରେ ପହଞ୍ଚିଲେ ଗୋପବନ୍ଧୁ ବାବୁ ଆଗରୁ ପ୍ରସ୍ତୁତ କରି ରଖିଥିବା ସ୍ୱେଚ୍ଛାକୃତ ଅବସର ଦରଖାସ୍ତକୁ ନିଜ ଆସନରେ ବସି ଧୀର ମନରେ ପଢିଲେ । ଉପରିସ୍ଥ ଅଧିକାରୀ ଆସିବା ପରେ ସେ ନିଜର ଯୋଜନା କାର୍ଯ୍ୟକାରୀ କରିବେ । ଏତେଦିନର ଅଫିସ, ଏଥିରେ ବିଦାୟ ନେବାକୁ ମନ ମଧ୍ୟରେ ସ୍ଥିର କରିସାରିଥିଲେ । ସବୁ ଦୁଃଖ ଗ୍ଲାନିକୁ ଅନ୍ତରରେ ଚାପି ରଖି ସେ ଉପରିସ୍ଥ ହାକିମଙ୍କ ନିକଟକୁ ହାତରେ ଦରଖାସ୍ତ ଧରି ଚାଲିଲେ ।

ଦୁଆର ମେଲାଇ ହାକିମଙ୍କ ପ୍ରକୋଷ୍ଠକୁ ପ୍ରବେଶ କଲେ ଗୋପବନ୍ଧୁ ବାବୁ । ହାତରେ ସ୍ୱେଚ୍ଛାକୃତ ଅବସର ଦରଖାସ୍ତ । ନମସ୍କାର କରି ଦରଖାସ୍ତଟି ହାକିମଙ୍କ ହାତକୁ ବଢ଼ାଇ ଦେଲେ । ହାକିମ ଦରଖାସ୍ତଟି ନେଇ ପଢ଼ିସାରି ଚାହିଁଲେ ଗୋପବନ୍ଧୁ ବାବୁଙ୍କୁ । ଧୀର ସ୍ୱରରେ କହିଲେ,

– କାହିଁକି ଏମିତି ସିଦ୍ଧାନ୍ତ ନେଲେ ?

– ଆଉ ମୁଁ କ'ଣ କରିଥାନ୍ତି ସାର୍, କାଲିର ପଦୋନ୍ନତି ଆଦେଶ ମୋତେ ଭାରି କଷ୍ଟ ଦେଇଛି । ତଳକୁ ମୁହଁ ପୋତି କହିଲେ ଗୋପବନ୍ଧୁ ବାବୁ ।

– ହେଲେ ଉପାୟ କ'ଣ କୁହନ୍ତୁ ।

– କିଛି ନାହିଁ ସାର୍, ହେଲେ ଆପଣ ବୋଧହୁଏ ଜାଣି ନାହାଁନ୍ତି ଯେ, ମୁଁ ଚାକିରୀ କରିବା ପରେ ବିକାଶର ଜନ୍ମ । ସେ ଆଜି ମୋର ଉପରିସ୍ଥ ଅଧିକାରୀ । ଏଭଳି ବ୍ୟବସ୍ଥା ଯେଉଁମାନେ କରିଛନ୍ତି, ସେମାନେ ତା'ର କୁଫଳ ଭୋଗୁ ନାହାଁନ୍ତି, ଆପଣଙ୍କ ପରି ବଡ଼ ବଡ଼ିଆ ଅଫିସରମାନେ ଏ ନିୟମର ଭୟଙ୍କର ପରିଣାମ ବିଷୟରେ କେବେ ବି ଭାବୁନାହାଁନ୍ତି । ଆମେ ତଳିଆ କର୍ମଚାରୀମାନେ ଏହାର ଶିକାର ହେଉଛୁ । ଏଣୁ ମୋର ଦରଖାସ୍ତର ସୁବିଚାର କରିବେ, ଏତି ଅନୁରୋଧ କରି ମୁଁ ଯାଉଛି ।" ପ୍ରକୋଷ୍ଠରୁ ବାହାରି ଆସୁଥିଲେ ଗୋପବନ୍ଧୁ ବାବୁ । ଏକ ନିରାଟ ବାସ୍ତବକୁ ହୃଦୟଙ୍ଗମ କରୁଥିଲେ ହାକିମ ମହୋଦୟ । ଏ ନୀରବ ପ୍ରତିବାଦକୁ ସେ ସମ୍ମାନ ଜଣାଇବାକୁ ମନେ ମନେ ବାଧ ହେଉଥିଲେ ।

ବାଲିସାହି, ସାଲେପୁର

# ଦେବ ପୁରୁଷ

ଗୀତାଞ୍ଜଳୀ ନାୟକ

ହଠାତ୍ ନିଦ ଭାଙ୍ଗିଗଲା ରାତିରେ । ନୂଆ କରି ଘରେ ରହିଥାଏ, ଠିକ୍‌ରେ ସୁଇଚ୍‌ଟି କେଉଁପଟେ ଜାଣିନି, ଅଣାଳି, ଅଣାଳି ଗଲି, ଚଉକାଠାରେ ମୁଣ୍ଡଟା ବାଜି ଫୁଲିଗଲା, ଝର୍କି ଟି ଖୋଲିଲି, ହେଲେ ଥଣ୍ଡା ପବନରେ ଦେହ ଶିତେଇ ଉଠୁଥାଏ । ଝର୍କି ବାହାରକୁ ଚାହିଁଲା ବେଳକୁ ଆକାଶରୁ ଧଳା ମେଘ ତୋଳି କିଏ ଯେପରି ପୃଥିବୀକୁ ସଜେଇ ଦେଇଛି । ଝରକା ସେପଟେ ଟଗର, ମନ୍ଦାର, ମଲ୍ଲୀ ଗଛମାନେ ଯେମିତି ସକାଳୁ ସକାଳୁ ବର୍ଷାରେ ଗାଧୋଇ ଥରୁଛନ୍ତି, ଆଉଟିକେ ଆଖିକୁ ଦୂରେଇ ଚାହିଁଲି, କିଆରି କିଆରି କାଶତଣ୍ଡି ଫୁଲ ପବନରେ ଢ଼ଳ, ଢ଼ଳ ହେଉଛନ୍ତି, ଆଉ ଟିକେ ଦୂରେଇ ଦେଖିଲା ବେଳକୁ ପାହାଡ଼ ସେପଟୁ ଅନ୍ଧାର ଭିତରୁ ହାଲୁକା, ହାଲୁକା ପାଦ ପକେଇ ସୂରୁଜ ଦେବତା ଆସୁଛନ୍ତି, କାହିଁ ଏମିତି ଦୃଶ୍ୟ ତ ମୋ ଜୀବନରେ ଦେଖିନି, ଏଠିକାର ଲୋକମାନେ ସତେ ଯେପରି କେଉଁ ଯୁଗରୁ ଅପେକ୍ଷା କରି ରହିଥିଲେ ସୂର୍ଯ୍ୟ ଦେବତାଙ୍କୁ । ରାତି ସରିବା ପରେ କବାଟ ଖୋଲିଲା ବେଳକୁ ସୂର୍ଯ୍ୟଙ୍କୁ ଅପେକ୍ଷା କରି ରହିଥିବା ଲୋକ ଗୁଡ଼ାକ ସମସ୍ତେ ପୁରା କର୍ମତତ୍ପର । କିଏ ଲଙ୍ଗଳ ଧରି ବାହାରି ଲାଣି ତ କିଏ ଗୋବର ପାଣିରେ ଘରଦୁଆର ଲିପି ଦେଲାଣି, ପକ୍ଷୀମାନେ ଖାଦ୍ୟ ଅନ୍ୱେଷଣରେ ବାହାରି ପଡ଼ିଲେ, ମୁଁ ମଧ୍ୟ ଆଉ ସମୟ ନଷ୍ଟ ନ କରି ବାହାରି ପଡ଼ିଲି ମୋର ପ୍ରଥମ କର୍ମ କ୍ଷେତ୍ରକୁ । ଗାଁ ଠାରୁ ମୁହଁ ମୋଡ଼ି ସମସ୍ତେ ସହର ଗାମୀ ହେଉଥିବା ବେଳେ ମୁଁ ଆଜି ଫେରି ଆସିଛି ସେଇ ଇଲାକା କୁ ରୋଗୀମାନଙ୍କର ସେବା କରିବା ପାଇଁ, ସେବା କରୁ କରୁ ଦୁଇବର୍ଷ ବିତିଗଲା । ଲୋକମାନଙ୍କର ଚଳଣୀ ବହୁତ ଅଦ୍‌ଭୁତ ଥିଲା । କୁ ସଂସ୍କାର ଓ ଅନ୍ଧବିଶ୍ୱାସ ରେ କବଳିତ ଏମାନଙ୍କର ଦୈନନ୍ଦିନ ଚଳଣୀ, ବୁଲି ବୁଲି ମହୁ ସଂଗ୍ରହ କରନ୍ତି । ତେଣ୍ଟା ଖଣତିରେ ସାପ, ମୂଷା, ବଣବିରାଡ଼ି ଖାଦ୍ୟ ରୂପେ ଗ୍ରହଣ କରନ୍ତି । ଦୁଇବର୍ଷ ଚଳଣୀ ଭିତରେ ସେମାନଙ୍କର ଅନ୍ଧବିଶ୍ୱାସ ଦୂର କରୁ କରୁ କେତେବେଳେ ସେମାନଙ୍କର ଏ ଆପଣାର ହେଇଗଲି ମୁଁ ନିଜେ ଜାଣି ପାରିଲିନି । ଥରେ ଝିଅଟିଏ ଆସି ଡାକିଲା, ବାପା କତରା ଲଗା ହେଇ ପଡ଼ିଛି, ଘରକୁ ଟିକେ ଆସି ବାପାକୁ ଦେଖିବା ପାଇଁ । ଘରକୁ ଯାଇ ବାପାଟିକୁ ଦେଖି ଔଷଧ ଲେଖିଦେଇ ଆସିଲି । ହେଲେ ଭଲ ହେବାର ସମ୍ଭାବନା ବହୁତ କମ୍ ଥିଲା । ଘରର ପରିସ୍ଥିତି ବହୁତ ଖରାପ, ବୁଢ଼ା ବାପା ସହଯେ ଦୁର୍ବଳ ଶରୀର, ପେଟ ଚାଖଣ୍ଡ କ ପାଇଁ କାମ କରିବାକୁ ବଳ ନଥାଏ । ବୁଢ଼ା ଜଙ୍ଗଲରୁ ବୁଲି ବୁଲି ଜଙ୍ଗଲ ଜାତ ଦ୍ରବ୍ୟ ଆଣୁଥିଲା, ତାକୁ ବିକି ଦି'ପଇସା ହେଉଥିଲା । ସେତକ ବନ୍ଦ । ଝିଅଟି ବିଲ, ଖଳା, ଖମାରମାନଙ୍କରେ ମୂଷା ନେଇ ଗାତ ଭିତରେ ସଞ୍ଚୟ କରିଥିବା ଧାନକୁ ଅଣି ଖାଦ୍ୟ ପ୍ରସ୍ତୁତ କରୁଥିଲା । ହେଲେ ରୋଗରେ ପଡ଼ିଲା ଦିନରୁ ବୁଢ଼ା ବାପାଟିକୁ ଛାଡ଼ି ନିଜେ ଯାଇପାରୁଛି, ନାଁ ବାପାଟି ଯାଇପାରୁଛି, ତା ପରଦିନ ଯାଇ ଦେଖେ ଝିଅଟି ପ୍ରେସ୍କିପ୍‌ସନ୍ ଟି ଧରି କାନ୍ଦୁଛି । ମତେ ଦେଖି ତା କସ୍ତା ଲୁଗାରେ ଲୁହ ଗୁଡ଼ାକ ପୋଛି ଦେଲା । ମୁଁ ଜାଣି ପାରିଲି ଔଷଧ କିଣି ନ ପାରି ଝିଅଟି କାନ୍ଦୁଛି, ସାଙ୍ଗେ ସାଙ୍ଗେ ଔଷଧ ଆଣି ଦେଲି, କ୍ରମେ, କ୍ରମେ ବୁଢ଼ାଟି ଆରୋଗ୍ୟ ଲାଭ କଲା, ହେଲେ ସେଇ ନିଷ୍କପଟ ଝିଅଟି ପ୍ରତି ମୁଁ ଏତେ ଆକୃଷ୍ଟ ହେଇଗଲି ମୁଁ ଜାଣି ପାରିଲିନି । ଏଇ କେତେଥର ଯିବା, ଆସିବା ଭିତରେ ମୁଁ ତାର ଅତି ନିକଟତର ହେଇଗଲି । ଛୁଟିରେ ଘରକୁ ଯାଇଥାଏ, ସବୁ କଥା ଘରେ କହିଲି, ହେଲେ କୌଣସି ପରିସ୍ଥିତିରେ

ବୋହୂ ରୂପରେ ଗ୍ରହଣ କରିବାକୁ ତାଙ୍କୁ ରାଜି ନଥିଲେ । ମୁଁ ମଧ ଝିଅଟିକୁ ଧୋକା ଦେବାକୁ ଚାହୁଁ ନ ଥିଲି । ଏବଂ ଘରୁ ଫେରିଆସି ତାକୁ ମନ୍ଦିରରେ ବାହା ହେଇଗଲି । ମୁହଁଟି କସ୍ତା ସାଢ଼ିର ଅଢୁଆଳରେ ରହିଥାଏ । ମୁହଁ ଟିରେ ଭୟ, ଲାଜ ଖେଳୁଥାଏ । ଆଉ କାନରେ, ନାକରେ, ବେକରେ ପିତଳର ଗହଣା ଭାରି ମାନୁଥାଏ । ସତେ କେତେ ସରଳ ବିଶ୍ୱାସୀ ସେ, ସହରରେ ବହୁତ ଝିଅ ଦେଖିଛି, ସେମାନଙ୍କ ସାଙ୍ଗରେ ପଢ଼ିଚି, ବହୁତ ସମୟ ମଧ କଟେଇଛି । ହେଲେ ଏମତି ଝଅ ମୁଁ କେବେ ଦେଖିନି । ଯେମିତି ସହରରେ ସୂର୍ଯ୍ୟସ୍ତ ହୁଏ, କିନ୍ତୁ ପୋଖରୀ ହୁଡ଼ା ଉପରେ ସୁନାର ରେଣୁ ଢ଼ାଳି ଦେଉଥିବା ସୂଯ୍ୟାସ୍ତ ସାଙ୍ଗରେ ସହରର ସୂର୍ଯ୍ୟାସ୍ତ ତୁଳନା କରି ହୁଏ ନାହିଁ । ଏମିତି ହସ, ଖୁସିରେ ଆମର ଦିନ ଗୁଡ଼ିକ କେତେବେଳେ ଗଡ଼ିଗଲା ଜାଣି ହେଲାନି, ତା ଭିତରେ ପାଞ୍ଚ ବର୍ଷ ବିତିଗଲାଣି, ହଠାତ୍ ପିଲାଟିଏ ପାଇଁ ସେ ମତେ କାହିଁକି ମନେ ପକେଇ ଦେଲା, ଖୁସି ଭିତରେ ମୁଁ ସେସବୁ ଭୁଲି ଯାଇଥିଲି । ଏତେ ବର୍ଷ ହେଲାଣି କାହିଁ ପିଲା, ପିଲି ହେଉନି ? ବହୁତ ପରୀକ୍ଷା କଲାପରେ ମୁଁ ଜାଣି ପାରିଲି ମୋର ବାପା ହେବାର ଯୋଗ୍ୟତା ନାହିଁ । ହେଲେ ନିରିହ ଝିଅଟିର ସବୁ ଖୁସି ମୋ ପାଇଁ ମିଳେଇ ଗଲା । ସେ କିନ୍ତୁ ଯାଣି ନଥିଲା ଯେ ମୋର କିଛି ଅସୁବିଧା ଅଛି ବୋଲି । ସବୁ ବେଳେ ମନକୁ ମାରି ବସିଥାଏ, ସତେ ଯେପରି ବୁଢ଼ୀ ଅସୁରୁଣୀର ସେହି ସାତ ତାଳ ପାଣି, ସାତ ତାଳ ପଙ୍କ, ଆଉ ସିନ୍ଧୁକ, ସିନ୍ଧୁକ ଭିତରେ ଫରୁଆ, ଫରୁଆ ଭିତରେ ଝଅଟିର ହସ, ଖୁସି ଯେମିତି ରହି ଯାଇଛି । ମୁଁ କ'ଣ ସତରେ ରାଜକୁମାର ସାଜି ତା' ଖୁସି ଆଣିପାରିବି ! ଝଅଟି ମନଦୁଃଖରେ ରହି ରହି ରୋଗରେ ପଡ଼ିଗଲା । ଯେତେ ଔଷଧ ଦେଲି କାମ କଲାନି, ପାଗଳ ପ୍ରାୟ ହେଉଥାଏ । ଏମିତି ଦୁଃଖରେ କେତେ ଦିନ କଟିଗଲା । ନୂଆ କରି ଆଉ ଜଣେ ଡାକ୍ତର ଆମ ଡାକ୍ତର ଖାନାରେ ଜଏନ୍ କଲେ । ତାଙ୍କ ସାଙ୍ଗରେ ମିଳା, ମିଶା କରିବା ପରେ ସେ ଥରେ ଆମ ଘରକୁ ଆସିଥିଲେ । ଆଉ ଝିଅଟିର ଅବସ୍ଥା ମଧ ଦେଖିଲେ, ଆମେ ଦୁହେଁ ମିଶି କେଉଁ ଔଷଧ ଦେଲେ ଭଲହେବ ଚିନ୍ତା କଲୁ । ଔଷଧ ଖାଇଲା ହେଲେ ଔଷଧ ର ପ୍ରଭାବ ଟିକେ ବି ତା ଉପରେ ପଡ଼ିଲା ନାହିଁ । ଦିନେ ମନସ୍ତାପ ରେ ବସିଥାଏ, ଭାବିଲି ନୂଆ ଡାକ୍ତରଙ୍କ ଦ୍ୱାରା ଯଦି ପିଲାଟିଏ କେମିତି ସେ ଝଅଟିର ହୁଅନ୍ତା ତେବେ ଝିଅଟି ସୁସ୍ଥ ହେଇ ଯାଆନ୍ତା । ହେଲେ ଏତେ ବଡ଼ ପାପ କଥା ମୁଁ କାହିଁକି ଭାବୁଛି, ଆଉ ଉପାୟ ନପାଇ ଡାକ୍ତରଙ୍କୁ ସବୁକଥା କହିଲି, ସେ ମୋ ପ୍ରସ୍ତାବରେ ଆଦୌ ରାଜି ହେଲେ ନାହିଁ ବହୁତ କାକୁତି ମିନତି ହୋଇ ଝିଅଟିର ଜୀବନ ଭିକ୍ଷା କଲି । ସେତେବେଳକୁ ଝିଅଟିର କେତେବେଳେ ଚେତା ରହୁଥାଏ ତ କେତେବେଳେ ଚେତାଶୂନ୍ୟ ହେଇ ଯାଉଥାଏ । ସେ ଯାହାହେଉ ଏମିତି ଅବସ୍ଥା ଦେଖି ବଡ଼ କଷ୍ଟରେ ଡାକ୍ତର ରାଜିହେଇଗଲେ । ଝିଅଟିର ଅଜାଣତରେ ଡାକ୍ତରଙ୍କ ଦ୍ୱାରା ଝଅଟି ଗର୍ଭ ଧାରଣ କଲା । ଝିଅଟିର ଖୁସି କହିଲେ ନସରେ ସତେ ଯେମିତି ନିୟୁତ ଯୁଗର ନୀରବତାକୁ ଭାଙ୍ଗି ପଥର ଓଠରୁ ହସ ଝରିପଡୁଛି । ମାସ ପରେ ମାସ ବିତିଗଲା, ହେଲେ ମୋ ମନ ଭିତରେ ଭାରି ଶୂନ୍‌ଶାନ୍ । କାହିଁକି ନାଁ ଡାକ୍ତର ଜଣକ ଗଲେ କୁଆଡ଼େ ! ବହୁତ ମନେ, ମନେ ଖୋଜିବା ସତ୍ତ୍ୱେ ମୁଁ ତାଙ୍କୁ କେଉଁଠି ବି ପାଇଲି ନାହିଁ । ସେ କ'ଣ ଦେବ ପୁରୁଷ ଥିଲେ ? ମୋ ପାଇଁ ସେଇ କେତେ ସମୟ ପାଇଁ ଆସି ଅର୍ନ୍ତଧାନ ହେଇଗଲେ ! ସେ ଦେବ ପୁରୁଷ ଗଲେ କୁଆଡ଼େ ? ମୋ ଭଳି ଗୋଟିଏ ବିକଳ ପକ୍ଷୀର କ୍ରନ୍ଦନରେ ତାଙ୍କ ମନକୁ ଛୁଇଁଲା । ହେଲେ ସେ ଏତେ ବଡ଼ ତ୍ୟାଗ କରି କୁଆଡ଼େ ଗଲେ ପଛକୁ ଟିକେ ଚାହିଁଲେନି । ସେ ଦେବାର ଆନନ୍ଦ ନେଇଚାଲିଗଲେ । ହେଲେ ମୁଁ ନେବାର ଋଣ ବୋହି, ବୋହି ଖୋଜୁଛି । ମଣିଷ କେବେବି ଏମିତି ନିଃସ୍ୱାର୍ଥପର ମୁଁ କାହିଁ ଦେଖିନି, ସେ କଣ ? ଦେବତା ମାନେ ଯେମିତି କେବଳ ଦେଇ ଚାଲନ୍ତି ସତ, କିନ୍ତୁ କେବେ କାହାର ଭୋଗ, ଅଳଙ୍କାର, ଶାଢ଼ୀ କିଛି ବି ନେଇ ନଥାନ୍ତି । ସେ ସେହି ଦେବ ପୁରୁଷ ଥିଲେ ।

ବାଲିସାହି, କଟକ

# ଆଶ୍ରମ

ବନଲତା ସିଂହ

ଆଶ୍ରମ କେତେ ପ୍ରକାରର, ଆଧାତ୍ମିକ ଶିକ୍ଷା ସହ ଯେଉଁଠି ସବୁ ପ୍ରକାର ଶିକ୍ଷା ଦିଆଯାଏ ତାକୁ ଗୁରୁକୂଳ ଆଶ୍ରମ କୁହାଯାଏ। ଅନାଥ ପିଲାଙ୍କୁ ଯେ, ଲାଳନ ପାଳନ କରନ୍ତି ତାକୁ ବାଳାଶ୍ରମ ବା ଅନାଥା ଆଶ୍ରମ କହନ୍ତି। ସେହିପରି ଗୋରୁଗାଈ ପାଇଁ ଯେଉଁ ଆଶ୍ରମ ତାକୁ ଗୋଶାଳା କହନ୍ତି । ଏବେ ଗଢ଼ି ଉଠିଛି ଜରା ଆଶ୍ରମ - ବୃଦ୍ଧ, ବୃଦ୍ଧା, ଦୁଃଖି, ପତିତା, ବିଧବାମାନଙ୍କୁ ନେଇ ଯେଉଁ ଆଶ୍ରମ ଗଢ଼ି ଉଠିଛି ତାହା ସ୍ୱାଗତ ଯୋଗ୍ୟ। କହନ୍ତି ମାନବ ସେବା, ମାଧବ ସେବା। ଯେଉଁ ସରକାରୀ ଓ ବେସରକାରୀ ସଂସ୍ଥା ଏପରି କରିଛନ୍ତି ସେମାନେ ପ୍ରଶଂସିତ ହେବା କଥା। କାରଣ କେତେ ଅମୂଲ୍ୟ ଜୀବନ ଅକାଳରେ ଝଡ଼ିଯିବା ପୂର୍ବରୁ ସେ ତାକୁ ଥଇଥାନ କରି ତାକୁ ସମାଜରେ ପ୍ରତିଷ୍ଠିତ କରାଇ ପାରୁଛନ୍ତି। ଏଣୁ ସେ ଆମ ସମସ୍ତଙ୍କର ପ୍ରଣମ୍ୟ।

ଏସବୁ ପରେ ମଧ ଏକ ସୁନ୍ଦର ଆଶ୍ରମ ଅଛି, ସେ ଗୋଟିଏ ଏପରି ଆଶ୍ରମ ଯେ ସେଠାରେ, ଯେଉଁଠି ଯେତେ ଆଶ୍ରମ ଭିନ୍ନ ଭିନ୍ନ ପ୍ରଣାଳୀରେ ଗଢ଼ି ଉଠି, ସବୁ ଗୁଡ଼ିକ ସେହି ଆଶ୍ରମରେ ହୋଇପାରିବ, ତା'ର ନାଁ ଗୃହସ୍ଥାଶ୍ରମ। ବୈକୁଣ୍ଠ ସମାନ ଆହା ଅଟେ ସେହିଘର, ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର। ସୁନ୍ଦର ପରିବାର ଟିଏ ଯଦି ଗଢ଼ାଯାଇ ପାରନ୍ତା, ତେବେ ସେଠାରେ ଆଧାତ୍ମିକ ଠାରୁ ଆରମ୍ଭ କରି, ପଶୁ ପକ୍ଷୀ, ବାଳ ଗୋପାଳ ଓ ଜରା ପର୍ଯ୍ୟନ୍ତ ସମସ୍ତେ ସେବା ପାଇ ପାରନ୍ତେ। ଏକ ଗୃହିଣୀ ଚାହିଁଲେ, ଭଲ ମାଆ ହେବା ସଙ୍ଗେ ସଙ୍ଗେ, ଭଲ ବୋହୂ, ଭଲ ଶିକ୍ଷୟତ୍ରୀ, ଭଲ ସେବିକା ଓ ସନ୍ୟାସିନୀ ହୋଇ ସଂସାରର ଗୃହସ୍ଥାଶ୍ରମକୁ ସ୍ୱର୍ଗର ବୈକୁଣ୍ଠପୁର କରିପାରବ। ଖାଲି ଟିକେ ସ୍ନେହ, ପ୍ରେମ, ତ୍ୟାଗ, ଆଦର୍ଶ ଓ ସହିଷ୍ଣୁତାରେ ସେ ସୃଷ୍ଟି କରିବ ଦ୍ୱିତୀୟ ସ୍ୱର୍ଗ, ଯେଉଁଥି ପାଇଁ ସ୍ୱର୍ଗର ଦେବତାମାନେ ବି ଫିକା ପଡିଯିବେ। ଦେବତାମାନେ ତ କେବଳ ସୁଖ ଖୋଜନ୍ତି, କିନ୍ତୁ ଆମେ ଦୁଃଖ ନଚାଖିଲେ, ସୁଖକୁ ଅନୁଭବ କରି ପାରିବାନି।

ତେଣୁ ସୁଖ ଦୁଃଖ ସବୁ ସହିଲେ ସଂସାର ସୃଷ୍ଟି ହୁଏ। ଲୋକେ କହିବେ.... କହିବା ତ ସହଜ, କିନ୍ତୁ ଯିଏ ବି କହିବେ ସେ ମଧ ଏ ସଂସାରର ଲୋକ। ଘରେ ଘରେ ଯଦି ଏହିପରି ଦିବ୍ୟ ପରିବାର ସୃଷ୍ଟି ହୁଅନ୍ତେ..... ତାହେଲେ ସ୍ୱର୍ଗ ଆଉ କେତେଦୂର... ? ସଭା, ସମିତି, କ୍ଲବ୍, ପ୍ରବଚନରୁ ସ୍ନେହ, ପ୍ରେମ ସୃଷ୍ଟି ହୁଏନା, ନିଜେ ବୁଝି ଅନ୍ୟକୁ ବୁଝାଇ କାର୍ଯ୍ୟରେ କରିବା ଓ କରାଇବା ତା ହେଲେ ଆଜି ନ ହେଲେ ବି କାଲି ନିଶ୍ଚୟ ହେବ। ତାଲନ୍ତୁ ଆମ୍ଭେ ଓ ଆମ୍ଭେମାନେ ; ତୁମେ ଓ ତୁମ୍ଭେମାନେ ; ସେ ଓ ସେମାନେ ମିଶି ଏହାକୁ ବିଚାର କରିବା। ଗୋଟିଏ ଗୃହସ୍ଥାଶ୍ରମରେ ସବୁ ଆଶ୍ରମର ବିଧିବିଧାନ କରିଲେ ଏତେ ଧନର ଆବଶ୍ୟକ ପଡ଼ନ୍ତାନି। ଏତେ ପରିଶ୍ରମ ପାଇଁ ଲୋକେ ଦେଶ ଛାଡ଼ି ବିଦେଶକୁ ଯାଆନ୍ତେନି। ଘର ଡିହକୁ ପଡିଆ ପକାଇ ସହରାଭିମୁଖୀ ହୁଅନ୍ତେନି, ଆସ ସଭିଏଁ ଅତ୍ୟନ୍ତ, ନିଜକୁ ସମୀକ୍ଷା କରି ଆଗକୁ ବଢ଼ିବା ଆଉ ଗଢ଼ି ଦେବା ସୁନ୍ଦର ଗୃହସ୍ଥାଶ୍ରମ।

ଗଣ୍ଡରପୁର, କଟକ

ମୋ : ୮୭୬୩୯୬୬୧୦୩

# ସବର୍ଣ୍ଣ, ଅସବର୍ଣ୍ଣ ଏକ ମାନସିକତା

ପ୍ରାଚୀ ପ୍ରଯୁକ୍ତା

ଅନ୍ଧାରୁଆ କବାଟ କୋଣରେ ବେଙ୍ଗଟିଏ ବେଙ୍ଗୁଲି ସାଥୀରେ ବସିଥାଏ, ଦିନବେଳେ କାଉ, କୁକୁର ଭୟରେ ପଦାକୁ ବାହାରନ୍ତିନି । ରାତି ହେଲେ, ନିଜର ଖାଦ୍ୟ ଅନ୍ୱେଷଣ ପାଇଁ ବାହାରନ୍ତି । ହଠାତ୍ ପାଟି ଶୁଣି ବେଙ୍ଗୁଲି କହିଲା... ବେଙ୍ଗ...ରେ.... ଏତେ ଜୋରରେ ପାଟି କ'ଣ ହେଉଛି ? ବେଙ୍ଗ କହିଲା..... ବେଙ୍ଗୁଲି... ମୋର ପାଖକୁ ଘୁ ଞ୍ଚି ଆ....। ଆମ କଥା ଯଦି କିଏ ଶୁଣିବ... ଆମ ଅବସ୍ଥା ବାରଗଣ୍ଡା ଦୁଇକଡ଼ା ହୋଇଯିବ । ବେଙ୍ଗୁଲି କହିଲା.... କହ...ମ କେତେ ପ୍ରବଚନ ଦେଉଛୁ । ବେଙ୍ଗ କହିଲା... ଶୁଣ... ବାବୁଙ୍କ ପୁଅ ନର୍ସିଂହୋମ୍‌ରେ ଚିକିତ୍ସିତ ହେଉଥିଲାବେଳେ, ଗୋଟିଏ ଝିଅକୁ ଭଲ ପାଇଲେ । ସେ ଝିଅଟି ନର୍ସିଂ ହୋମ୍‌ରେ ସେବିକା ଥିଲେ । ତା ବ୍ୟବହାର ଓ ସେବାରେ ସନ୍ତୁଷ୍ଟ ହୋଇ ସାନବାବୁ ବାପା, ମା'ଙ୍କୁ ନଜଣାଇ ସେ ଝିଅକୁ ମନ୍ଦିରରେ ବାହାହୋଇ ଘରକୁ ନେଇ ଆସିଛନ୍ତି ।

ବେଙ୍ଗୁଲି କହିଲା.... ଏଥିରେ ଦୋଷ କ'ଣ ? ବେଙ୍ଗ କହିଲା..... ଆଲୋ ଦୋଷ କଅଣ ଝିଅର ? ଦୋଷ ହେଉଛି ତା' ଜାତିର । ସେ ଭୋଇଘର ଝିଅ, ଆମ ବାବୁ ଗୁରୁପ୍ରସାଦ ମର୍ଦ୍ଦରାଜ ଏ ଦଶଖଣ୍ଡ ମୌଜାର ପ୍ରତିଷ୍ଠିତ ଲୋକ । ଠିକ୍ ରାଜାପରି, ତାଙ୍କୁ କେତେ ଜମିଦାର ଘରର ଝିଅ ମିଳିଥାନ୍ତେ ବୋହୂ କରିବାକୁ । ଏଣୁ ତାଙ୍କୁ ନ ଜଣାଇ ସାନବାବୁ ପୀତବାସ ଏମିତି କଲେ...ତ.. ? ସେଇଥିପାଇଁ ପାଟି ତୁଣ୍ଡ କରି ବୋହୂ ମୁହଁ ଚାହିଁବେନି କହି ଘରର କବାଟ କିଳି ବାବୁ, ବାବୁଆଣୀ ପଶିଛନ୍ତି ।

ବେଙ୍ଗୁଲି କହିଲା..... ଆଚ୍ଛା.... ବେଙ୍ଗ ଆମର ତ ଜାତି ଅଜାତି ନାହିଁ ? ଏ ମଣିଷମାନେ ବିବେକ ଜ୍ଞାନ ପାଇ ସେମାନେ ଏପରି ଚିନ୍ତା କରୁଛନ୍ତି କାହିଁକି ? ସମସ୍ତେ ତ ସମାନ, ତୁ କହିଲୁ ସାନବାବୁଙ୍କ ରକ୍ତ ଆଉ ବୋହୂ ମା'ଙ୍କ ରକ୍ତ ଗୋଟିଏ ଜାଗାରେ ଅଲଗା ଅଲଗା ରଖିଦେଲେ କ'ଣ ଜଣା ପଡିବ, କାହାର କେଉଁ ରକ୍ତ ? ଆଚ୍ଛା.... ବାବୁଆଣୀ ଯେଉଁ ଫୁଲ କିଣିଆଣି ତାଙ୍କ ଇଷ୍ଟ ଦେବଙ୍କୁ ପୂଜା କରୁଛନ୍ତି, ସେ ଫୁଲ ବିକାଳିଟି କେଉଁ ଜାତିର ଜଣାଅଛି । ରକ୍ତ ଭଣ୍ଡାରରେ ରକ୍ତ ସଂଗୃହିତ ହୋଇ ରହିଛି ସେ ସବୁ କେଉଁ ଜାତିର ଜଣା ଅଛି ? ସେ ରକ୍ତ ତ ପୁଣି, ସାଧୁ, ସନ୍ଥ, ବ୍ରାହ୍ମଣ ପଣ୍ଡିତଙ୍କୁ ଦିଆ ଯାଇ ଜୀବନ ରକ୍ଷା ହୋଇ ପାରୁଛି ? ଏ ଦୁନିଆରେ ଯେତେ ବ୍ୟବହାର୍ଯ୍ୟ ଜିନିଷ ବିକ୍ରୀ ହେଉଛି, ସେ ବିକାଳିର କ'ଣ ଜାତି, ଗୋତ୍ର କିଏ ପଚାରୁଛି ? ହଁ.... ବାପ, ମାଙ୍କୁ ନ ଜଣାଇ ବାହା ହୋଇଛନ୍ତି, ଏଇଟା ସାନବାବୁଙ୍କର ଭୁଲ୍ ହୋଇପାରେ, କିନ୍ତ ଜାତି ପାଇଁ ବାବୁ, ବାବୁଆଣୀ ଏମିତି ରଗିବା.... ମୋତେ ଠିକ୍ ଲାଗୁନି । ବେଙ୍ଗ କହିଲା...ଆଲେ ସବୁଠୁ ବଡ଼କଥା କ'ଣ ଜାଣିଛୁ ? ସାନବାବୁ ନର୍ସିଂହୋମ୍‌ରେ ଚିକିତ୍ସା ହେଲାବେଳେ, ତାଙ୍କୁ ରକ୍ତ ଦରକାର ପଡିଲା । ଏହି ଭୋଇଘର ଝିଅଟି ରକ୍ତ ଦେବାରୁ ସେ ବ ଞ୍ଚିଗଲେ । ଏକଥା ବାବୁ, ବାବୁଆଣୀ ମଧ ଜାଣିଛନ୍ତି, ତା'ପରେ ବି ସେ ଏପରି କାହିଁକି ହେଉଛନ୍ତି କେଜାଣି ? ହଁ ..... ବଡ଼ଘର ବଡ଼ ଗୁମର କଥା .... ଦେଖିବା ଆଗକୁ କ'ଣ ହେଉଛି ?

ଦିନ ଯାଇ ରାତି ହେଲା ଗୋଟିଏ ଘରେ କବାଟ କିଳି, ବାବୁ-ବାବୁଆଣୀ ରହିଲେ, ବାହାରକୁ ଆସିଲେନି କି କଥା ହେଲେନି, ବୋହୂ ଝୁନୁ କହିଲା.... ଶୁଣ... ବାବା ମା'ଙ୍କ ମନରେ ଅଶାନ୍ତି ଦେଇ ମୁଁ ଆଉ ରହି ପାରିବିନି, ମୋତେ ନେଇ ଛାଡି ଦେଇ ଆସ। କାଲି ସୂର୍ଯ୍ୟ ଉଦୟ ହେବା ପୂର୍ବରୁ ମୁଁ ମୋର ଅଛୁଆଁ ମୁହଁକୁ ନେଇ ଚାଲିଯିବି। ସେଇଆ ହେଲା, ପୁଅ ବୋହୂ ଦୁହେଁ ଫେରିଗଲେ ସହରର କର୍ମ ଭୂମିକୁ। ବେଙ୍ଗୁଲି ଲୁଚିକରି ଦେଖୁଥିଲା, କହିଲା.... ବେଙ୍ଗରେ କେତେ ସୁନ୍ଦର ବୋହୂଟିଏ, କ'ଣ ଅଭାବ ଅଛି, ତା ପାଖରେ ? ବେଙ୍ଗ କହିଲା... ଚୁପ୍... ସରଗକୁ ନିଶୁଣୀ ନାହିଁ କି ବଡ଼ଲୋକଙ୍କୁ ଉ ତ୍ତ ର ନାହିଁ, ସମୟ ଆସିଲେ ସବୁ ଜଣା ପଡିବ।

ଏମିତି କିଛି ଦିନ ଚାଲିଗଲା, ପୁଅ ବୋହୂଙ୍କ ସହିତ ମର୍ଦ୍ଦରାଜ ପରିବାରର ଆଉ ସମ୍ପର୍କ ନାହିଁ। କେବଳ ମାଆଟିକେ ଭାବେ କାନ୍ଦେ, ମାଆ ମନଟ ? ଗୋଟିଏ ବୋଲି ପୁଅ, କେମିତି ବା ନ ଭାବିବ ? ଦିନେ ଗୁରୁପ୍ରସାଦ ମର୍ଦ୍ଦରାଜ ସାଙ୍ଘାତିକ ଦୁର୍ଘଟଣାର ସମ୍ମୁଖୀନ ହୋଇ ରକ୍ତାକ୍ତ ଅବସ୍ଥାରେ, ନର୍ସିଂ ହୋମ୍‌ରେ ଆଡ଼୍‌ମିଶନ ହେଲେ। ବହୁତ ରକ୍ତସ୍ରାବ ଦ୍ୱାରା ମୃତ୍ୟୁ ତାଙ୍କ ଚାରି ପାଖରେ ବୁଲୁଥାଏ। କେତେବେଳେ ଦୀପ ଲିଭିଯିବ। ପରୀକ୍ଷା ପରେ ଡାକ୍ତର କହିଲେ ତାଙ୍କର ଗୋଟିଏ କିଡିନୀ ନଷ୍ଟ ହୋଇ ଯାଇଛି ଏବଂ କିଡ଼ିନୀ ସହିତ ତାଙ୍କର ପ୍ରଚୁର ରକ୍ତ ଦରକାର ବାବୁଙ୍କ ସ୍ତ୍ରୀ କୁନ୍ତଳା ମର୍ଦ୍ଦରାଜ ଓ ପୁଅ ପୀତବାସ ମର୍ଦ୍ଦରାଜ, ବନ୍ଧୁବାନ୍ଧବ ସମସ୍ତଙ୍କ ପାଖରୁ ଅସଫଳ ହେଲେ। ଅଜସ୍ର ଟଙ୍କା କିଛି କାମକୁ ଆସୁନି, ସେହି ନିର୍ସିଂହୋମ୍‌ରେ ଝୁନୁ ଥିଲା। ସେ ଗୁପ୍ତରେ ଡାକ୍ତରଙ୍କ ପାଖରେ ନିଜର ରକ୍ତ ଆଉ କିଡିନୀ ପରୀକ୍ଷା କରି ମର୍ଦ୍ଦରାଜ ବାବୁଙ୍କୁ ଦାନ କଲା ଏବଂ ନିଜ ନାମ ଗୁପ୍ତରଖିବାକୁ ଡାକ୍ତର ବାବୁଙ୍କୁ ଅନୁରୋଧ କଲା। ମର୍ଦ୍ଦରାଜ ବାବୁ ସମ୍ପୂର୍ଣ୍ଣ ସୁସ୍ଥ ହୋଇ, ସେ ବଦାନ୍ୟ ବ୍ୟକ୍ତିଟି କିଏ ବୋଲି ଜାଣିବାକୁ ଚାହିଁବାରୁ ଜାଣି ପାରିଲେ। ଏ ସବୁ କାମ ଭୋଇଘର ଝିଅ ଝୁନୁ କରିଛି। ସେ ଅତ୍ୟନ୍ତ ଅନୁତପ୍ତ ହୋଇ ଝୁନୁକୁ କ୍ଷମା ମାଗିଥିଲେ ଓ ଆନନ୍ଦ ମନରେ ଝୁନୁକୁ ସସମ୍ମାନରେ ଘରକୁ ନେଇ ଆସିଲେ, ଶଙ୍ଖ ହୁଳହୁଳିରେ ଘର ଉଚ୍ଛୁଳି ପଡୁଥିଲା ବେଳେ, ବେଙ୍ଗ ବେଙ୍ଗୁଲି ଆନନ୍ଦରେ ବିଭୋର ହୋଇ ହୁଳହୁଳି ପକାଇ ନାଚିକୁଦି ଏତେ ଖୁସି ହେଉଥିଲେ ଯେ, ବେଙ୍ଗ, ବେଙ୍ଗୁଲିକି କହିଲା... ହଇଲୋ.... ତୁ ତ ମୋତେ ବାହା ହେଲା ବେଳେ ଏତେ ଖୁସି ହେଉନଥିଲୁ ? ବେଙ୍ଗୁଲି ଧେତ୍.... କହି ଫକ୍ କିନା ବେଙ୍ଗ ପିଠିରେ ନାଉ ହୋଇ ଗଲା...।

ନୀଳାଦ୍ରୀ ବିହାର, କଟକ

# ଭକ୍ତି ପସରା

ବିଭୁପ୍ରସାଦ ନାୟକ

ଆମେ ମା'ପୁଅ ଗାଡ଼ିଧରି ବାହାରିଲୁ କପିଳାସ ଅଭିମୁଖେ । ଯେତେ ବାଟ ପାଖେଇ ଆସୁଥାଏ, ସେତେ ମତେ କଷ୍ଟ ଲାଗୁଥାଏ । ଆଖିର ଲୁହକୁ ଚାପିରଖିଥାଏ । ହେଲେ ସବୁ ଲୁହତକ ହୃଦୟ ଦେଇ ଝରିଯାଉ ଥାଏ । ପୁଅ ଆଶ୍ଚର୍ଯ୍ୟ ହେଇ ବାରମ୍ବାର ପଚାରୁଥାଏ, ଆମେ କୁଆଡେ ଯିବା ? ପୁଅକୁ ସିନା ଉତ୍ତର ଦେଇ ପାରିଲିନି, ହେଲେ ୨୫ବର୍ଷର ସେହି ଘଟଣା ଆଖି ଆଗରେ ନାଚି ଯାଉଥାଏ । ୨୫ ବର୍ଷ ତଳେ, ପିଲା ପିଲି ହେଉନଥିଲେ ବୋଲି ଆମେ ସ୍ୱାମୀ, ସ୍ତ୍ରୀ ବାହାରିଲୁ କପିଳାସ । ବାଟରେ ଜଙ୍ଗଲିଆ ରାସ୍ତା ସୂର୍ଯ୍ୟ ପଶ୍ଚିମ ଆକାଶରେ ବୁଡିବା ଉପରେ । ହଠାତ୍ କୁଆଡୁ କଳାହାଣ୍ଡିଆ ମେଘଟା ଆକା ବୁକୁରେ ଢ଼ାଙ୍କି ହେଇଗଲା । ଚାହୁଁ ଚାହୁଁ ବିଜୁଳି ଘଡଘଡିରେ ଜଙ୍ଗଲ ଟା ଭୟଙ୍କର ଲାଗୁଥାଏ । କାନ୍ଧରେ ବାହୁଙ୍ଗି ପାଣି ଭାର ଧରି ସେହି ଚନ୍ଦ୍ରସେଖରଙ୍କୁ ସ୍ମରଣ କରି କାଉଡି ଗୀତ ଗାଇ ଚାଲିଥାଉ । ଆମମାନଙ୍କ କାଉଡ଼ି ଗୀତ ଶୁଣି ଲୋକଟି ଧାଇଁ, ଧାଇଁ ଆସିଲା । ଆମ ପାଖରେ ପହଞ୍ଚି କହିଲା, ଆଗରେ ହାତୀପଲ ଜଙ୍ଗଲରୁ ଉଠି ଆସିଛନ୍ତି, ଆଉ ମେଘ ବର୍ଷାରେ ଜଙ୍ଗଲ ଅତିକ୍ରମ କରିବା କଷ୍ଟ । ଆସ ଆମ ଘରେ ରହିଯିବ, ଭୋର ହେଲେ ଚାଲିଯିବ । ଆମେ ତା ପଛେ ପଛେ ଗଲୁ । କୁଡିଆ ଘରଟିଏ, ଘରେ ରୋଗିଣୀ ସ୍ତ୍ରୀ ଲୋକଟି କଷ୍ଟ ପାଉଥାଏ, ପାଖରେ ଯାଆଁଳା ପୁଅ ୨ଟି ଭୋକ ବିକଳରେ କାନ୍ଦୁଥାନ୍ତି । ଛୁଆ ଦୁଇଟିଙ୍କୁ ମାସେ କି ଦୁଇମାସ ହେବ । ଆମେ ପଚାରିଲୁ କ'ଣ ହେଇଛି, ତୁମ ସ୍ତ୍ରୀ ର ? ଲୋକଟି ଉତ୍ତର ଦେଲା, ଦୁଇଟି ଛୁଆଙ୍କୁ ଜନ୍ମ ଦେବାପରେ ଜର ଲାଗି ରହିଲା, ଗାଁ ବଇଦଙ୍କ ଠାରୁ ଔଷଧ ଖାଇଲା, ହେଲେ କମିଲାନି । ଡାହାଣୀ ଲାଗିଛି ଭାବି ଗୁଣିଆ ପାଖକୁ ନେଲୁ, ଗୁଣିଆ ବେକରେ ଲୁହା ଚେଙ୍କ ଦେଇ ଝାଡିଲା, କହିଲା ଡାହାଣୀକୁ ଚେଙ୍କ ଦେଲେ ଯିବ ଭାରି । ସେହି ଦିନୁ ସେ ପାରାଲିସିସ୍ ରୋଗରେ ଆକ୍ରାନ୍ତ । ପିଲା ଦିଇଟାକୁ ଧରି ମୁଁ କାମକୁ ଯାଇ ପାରୁନି, ଭୋକର ଯନ୍ତ୍ରଣା କେତେ ସହିବୁ । ସବୁଶୁଣି ଭାବିଲି ମୋ ଦୁଃଖ ଠାକୁର ଶୁଣିଛନ୍ତି । ମୋର ଭକ୍ତିର ପସରା ଠାକୁର ଗ୍ରହଣ କରିଛନ୍ତି । ଭଗବାନଙ୍କୁ ଲକ୍ଷେ ଜୁହାର କରି, ଲୋକଟିକୁ ପୁଅଟି ମାଗିଲୁ । ଲୋକଟି ଗୋଟିଏ ପୁଅ ହେଲେ ଭଲରେ ରହୁ, କହି ମୋ କୋଳକୁ ଟେକି ଦେଲା । ସେହିଦିନ ମୁଁ ଶପଥ କରି ଆସିଥିଲି, ପୁଅଟିକୁ ଡାକ୍ତର କରି, ଏମାନଙ୍କ ଅନ୍ଧ ବିଶ୍ୱାସ ଯଦି ଦୂର କରି ପାରିବି ଏବଂ ପୁଅଟିକୁ ଏହି ଗରୀବମାନଙ୍କ ସେବାରେ ସମର୍ପଣ କରିପାରିବି, ତେବେ ଠାକୁରଙ୍କୁ ଲକ୍ଷେ ଚମ୍ପା କି ଲକ୍ଷେ ବେଲପତ୍ର ଦେବା ଫଳ ପାଇଯିବି । ସେହି ପୁଅକୁ ଡାକ୍ତର କରି ୨୫ବର୍ଷର କରି ଆଣିଛି । ଘରଟି ଅତିନିକଟ ହେଇଗଲା । ଆମେ ଦୁଇଜଣ ଗାଡିରୁ ଓହ୍ଲାଇଲୁ । ସେଇ ଘର, ଘରର କିଛି ବି ପରିବର୍ତ୍ତନ ହେଇନି, ଘରକୁ ପସିଗଲୁ, ଦେଖିଲି ୨୫ବର୍ଷ ତଳର ସେହି ସ୍ତ୍ରୀ ଲୋକ ସେମିତି ପଡିଛି । ପାଖରେ ବୋଧେ ସେହି ପୁଅଟି, ଉଦାସ ମନରେ ପଥର ପରି ବସିଛି । ଲୋକଟି ଗଲା କୁଆଡେ, ଟିକିଏ ଅପେକ୍ଷା କଲୁ । ଲୋକଟି ପାଳ ଆଣି ଗାଈ ଆଗରେ ପକେଇଲା । ସେହି

ମଇଳା କୋତରା ଲୁଗାରେ ଢ଼ଙ୍କା ଥିବା ଲୋକଟି। ଲୋକଟି ମନରେ ଅସୁମାରି ପ୍ରଶ୍ନ ହେଲେ ପଚାରି ନପାରି ଜୁହାର ବୋଲି କହିଲା। ମୁଁ ପଚାରିଲି ଏଇ ପୁଅଟିର କ'ଣ ହେଇଛି ? ଲୋକଟି ଉ ର ଦେଲା ଏହି ପୁଅଟି ତୁମକୁ ଯେଉଁ ଯାଆଁଳା ପୁଅରୁ ଗୋଟିଏ ଦେଲି ଇଏ ଆଉ ଗୋଟେ ପୁଅ। ତାକୁ ବହୁ କଷ୍ଟରେ ପାଳି ପାଠ ପଢ଼ାଇଲି ହେଲେ ଚାକିରୀ ଖୋଜି ଖୋଜି ବୁଲୁଥିବା ବେଳେ କେତେକ ଲୋକଙ୍କ ଖରାପ ପରାମର୍ଶରେ ମା'ଟିକୁ ଭଲ କରିବାକୁ ମନକରି ସେମାନଙ୍କ ଠାରୁ ଟଙ୍କା ଆଣି ମୋତେ ନ ପଚାରି ନିଜ କିଡିନ୍ ବିକ୍ରି କରିଛି। ଟଙ୍କା ତକ ମା' ରୋଗରେ ଭଲ ହେବ କ'ଣ ? ତା ପଛରେ ଟଙ୍କା ତକ ସରିଲାଣି। ହେଲେ ପୁଅଟିର ଦେହ ଭଲ ହେଉନି। ମୁଁ ମନେ ମନେ ଭାବିଲି ପ୍ରଭୁ ଏ କି ଦୁଃଖ। ଏ ଲୋକଟି ଦୁଃଖର ପସରା ବୋହି ବୋହି ଏତେ ବର୍ଷ ଚାଲିଛି। ମୋ ପୁଅକୁ ଦେଖେଇ କହିଲି, ଏ ପୁଅଟି କିଏ କହିଲ ? ଲୋକଟି ପଚାରିଲା, ଏ ବାବୁ ଜଣକ କିଏ ? ମୁଁ କହିଲି ଏ ତୁମ ପୁଅ, ଡାକ୍ତର ହେଇଛି। ତାକୁ ମୁଁ ଏଇଠି ଛାଡ଼ିଯିବି, ତୁମ ଆଦିବାସୀ ସରଳ ବିଶ୍ୱାସୀଙ୍କର ସେବା କରିବ, ପୁଅଟି ଆଶ୍ଚର୍ଯ୍ୟ ହେଇ ମା'କୁ ଅନେଇଛି। ମା' ସବୁ କଥା ବୁଝାଇ ଦେଲେ ଓ ନିଜ ମା'ବାପା, ଭାଇ ସବୁ ଚିହ୍ନେଇ ଦେଲେ। ପୁଅଟି ବି ମା'ର ତ୍ୟାଗ, ତପସ୍ୟା ଓ ମହତ କାମ କରିବାର ଇଚ୍ଛାରେ ପ୍ରତିବାଦ କଲାନାହିଁ। ମା' ଟି ପୁଅକୁ ଛାଡ଼ି ଆତ୍ମ ସନ୍ତୋଷ ରେ ଘରକୁ ଫେରିଲା।

ଏହାହିଁ ଥିଲା ତାର ଶିବ ଉପାସନା, ଏହା ହିଁ ପ୍ରକୃତ ଭକ୍ତିର ପସରା ଠାକୁରଙ୍କୁ ଅର୍ପଣ କଲା। ଆମେ ଗୁଣି ଗାରେଡି ଅନ୍ଧବିଶ୍ୱାସକୁ ପ୍ରସୟ ଦେବା ଅନୁଚିତ୍। ଟଙ୍କାର ଲୋଭରେ ଆମେ ଗୋଟିଏ ଅସୁବିଧା ଅତିକ୍ରମ କରିବାକୁ ଯାଇ, ଅନେକ ଅସୁବିଧାକୁ ନିମନ୍ତ୍ରଣ କରିବା ଅନୁଚିତ୍। ସୃଷ୍ଟି କ ର୍ତ୍ତାଙ୍କର ଏପରି କାମ କରନ୍ତୁ, ତାହା ତାଙ୍କ ପ୍ରତି ଭକ୍ତିର ପସରାଟିଏ ସମର୍ପଣ ପରି ତାଙ୍କୁ ଲାଗୁ।

ତେଲେଙ୍ଗା ବଜାର, କଟକ

ମୋ : ୮୯୦୮୫୫୪୯୫୬

# ସ୍ନେହ ପାଇଁ ଚିଠିଟିଏ

ଡଃ ନିରୋଦ କୁମାର ମନ୍ତ୍ରୀ

ସ୍ନେହର,

ଟୁଟୁ ମୋର ସ୍ନେହ ନେବ ! ବୋହୂ, ନାତି, ନାତୁଣୀମାନଙ୍କୁ ମୋର ସ୍ନେହ ଜଣାଇବ। ଈଶ୍ୱରଙ୍କ ଦୟାରୁ ତୁମେମାନେ ସେଠାରେ ଭଲରେ ଥିବ। ତୁମେ ପାଠପଢୁଥିବା ସମୟରେ ଯେଉଁ ଚିଠି ଦେଉଥିଲି, ଆଜିର ଏ ଚିଠି ମଧରେ ପ୍ରାୟତଃ କୋଡ଼ିଏ ବର୍ଷର ବ୍ୟବଧାନ। ଏବେ ମୋର ଆଉ ତୁମକୁ ଉପଦେଶ ଦେବାରେ ନାହିଁ। କାରଣ ତୁମେ ଏବେ ନିଜକୁ ନିଜେ ସଜାଡ଼ିପାରିଛ। ଏବେମୋର ତୁମକୁ ନେହୁରା -

ଟୁଟୁରେ ବଞ୍ଚିବା ପାଇଁ ବହୁତ କଷ୍ଟ ହେଉଛି। ଆଉ ପାରୁନି, ଆର ମାସରେ ଦେଇଥିବା ଚିଠିର ଅର୍ଥବୋଧ ହୁଏ ବୁଝିପାରିଲନି। ତେଣୁ ଭାବିନେଲ ବାପା'ଙ୍କର ବୋଧ ହୁଏ ଅଧିକ ଟଙ୍କା ଦରକାର ପଡୁଛି। ତେଣୁ ତୁମେ ଦେଉଥିବା ଟଙ୍କାର ପରିମାଣ ଦୁଇଗୁଣ କରି ପଠାଇଲ ଟଙ୍କାରେ କ'ଣ ଶାନ୍ତି ମିଳିପାରିବ। ଆମେ ଗାଁରେ ବୁଢ଼ାବୁଢ଼ୀ ଦୁଇଜଣ ସ୍ନେହ କାଙ୍ଗାଳ ହୋଇପଡିଛୁ। ଆମ ଆଖି ଆଗରେ ଅନ୍ୟମାନଙ୍କର ନାତି, ନାତୁଣୀମାନେ ତାଙ୍କର ଜେଜେବାପା ଓ ମା'ଙ୍କୁ କେତେ ଶ୍ରଦ୍ଧାରେ ଗେଲ କରୁଛନ୍ତି, ଥଟ୍ଟାମଜା ହେଉଛନ୍ତି। ଖନେଇ ଖନେଇ ସ୍ୱରରେ ଜେଜେ ବାପା, ମା'ଡାକ ଶୁଣି ଆମ ହୃଦୟ ଦୁଃଖରେ ଭାଙ୍ଗି ପଡୁଛି। ବିଭିନ୍ନ ପ୍ରକାର ପର୍ବ ପର୍ବାଣୀରେ ପିଲାମାନଙ୍କର ଖେଳକୁଦ ଦେଖିଲେ ଆମ ଆଖିରେ ଲୁହ ଚାଲିଆସୁଛି। ତୁମେ ଛୋଟ ଥିବାବେଳେ ମୋ ବାପା ମା' ସହ କେତେ ଖେଳୁଥିଲ, ମଜା କରୁଥିଲ। ମୋ ବାପା ବେଳେ ବେଳେ ଖାଇବା ପିଇବା ଭୁଲିଯାଉଥିଲେ। ତମକୁ ସକାଳୁ ନଦେଖିଲେ ପାଗଳ ହୋଇ ଯାଉଥିଲେ। ତୁମେ ଦୁଷ୍ଟାମି କରୁଥିଲେ ମୁଁ ଯଦି ଗାଳିଦେଉଥିଲି ତେବେ ମୋତେ ବାପା ବିରକ୍ତି ହେଉଥିଲେ, ପର୍ବପର୍ବାଣୀରେ ପିଠାପଣା ଏକାଠି ଖାଇବା ବେଳେ ତମକୁ ଜେଜେ ବାପା କେତେ ଗେଲ କରୁଥିଲେ, ଅଧିକରୁ ଅଧିକ ଖାଇବାକୁ ଦେଉଥିଲେ। ଯାତରାରୁ ବେଲୁନ୍, ପେଁକାଳୀ, କଣ୍ଢେଇ ଚକ ତୁମପାଇଁ କିଣିଆଣୁଥିଲେ। ତୁମେ ଏ ଖେଳଣାନେଇ କେତେ ଖୁସି ହେଉନଥିଲ ! ଆମ ଘରଟା ହସ ଖୁସିରେ ଫାଟି ପଡୁଥିଲା। ଏବେ ଯାତରା ପଡିଆରେ ବେଲୁନ୍, ପେଁକାଳି ଦେଖିଲେ ମୋ ଆଖିରେ ଲୁହ ଆସିଯାଉଛି, କାରଣ ମୁଁ କାହାପାଇଁ କିଣିନେବି ? କାହାକୁ ପିଠିରେ ବସାଇ ହାତୀହୋଇ ବୁଲାଇବି ଯେମିତି ତମକୁ ମୋ ବାପା ବୁଲାଉଥିଲେ। ଘରଟା ଖାଁ ଖାଁ ଲାଗୁଛି ତୁମ ମା' ଅଧିକ ସମୟ ଆଖିରୁ ଲୁହ ଗଡାଉଛି। ମୁଁ ବ୍ୟସ୍ତ ହୋଇ ତାକୁ ଗାଳିଦେଉଛି। କାହିଁକି ଜାଣୁ, କାଳେ ତୁମର କିଛି ଅମଙ୍ଗଳ ହେବ। ତାକୁ ଗାଳିଦେଉ ଦେଉ ମୁଁ ବି କାନ୍ଦି ପକାଏ। ତୁମେ ଠିକ୍ ସମୟରେ ଟଙ୍କା ପଠାଇ ଦେଉଛ। କିନ୍ତୁ ଟଙ୍କା କେବଳ ଖାଇବାକୁ ଦେଇ ବଞ୍ଚାଇଛି, ହେଲେ ସେ ବଞ୍ଚିବା ଅପେକ୍ଷା ମରିଯିବା ଭଲ ବୋଲି ଆମେ ଭାବୁଛୁ।ତୁମେ ପାଠପଢ଼ି ଚାକିରୀ କଲ, ବାବୁ ହେଲ, ତୁମ ଅଫିସ୍‌ରେ ତୁମକୁ ସମ୍ମାନ ମିଳିଲା। ଆମେ ବାପା, ମା ବି ତୁମେ ଯେଉଁଦିନ ଚାକିରିପାଇଲ ସବୁ ମନ୍ଦିରକୁ ଯାଇ ଭୋଗ ଲାଗି କଲୁ। ଗାଁରେ ମିଠା

ବା ଣ୍ଟିଲୁ। ତୋର ବିବାହ ସ୍ଥିର ହେବାରୁ ଆହୁରି ଖୁସି ହେଲୁ। ବାପା, ମା'ଆଉ କ'ଣ ଚାହାନ୍ତି ? ପିଲାର ଖୁସିରେ ତ ଆମେ ଖୁସି। କିନ୍ତ ଯେଉଁ ଦିନ ତୁମେ ପିଲାପିଲିଙ୍କୁ ନେଇ ସହରକୁ ଚାଲିଗଲ, ଅଳ୍ପଘର ଭଡ଼ାନେଇ ଥିବାରୁ ଆମେ ରହିଗଲୁ, ସେଦିନ ପୂର୍ବର ସବୁ ସୁଖ ଭାଙ୍ଗି ପଡ଼ିଲା ପରି ଲାଗିଲା। ତଥାପି ତୁମ ଭଲ ପାଇଁ ଖୁସିରେ ଖୁସିରେ ବିଦାୟଦେଲୁ। ଆଶାରଖିଥିଲୁ ଏଇ ବୁଢ଼ା ବୟସଟା ନାତି, ନାତୁଣୀ ସ୍ନେହରେ କଟାଇ ଦେଇଥାନ୍ତୁ, ଛାଡ .....। ପୁଅ ଜାଣିବ ତୁମ ମା' ଗୋଟେ ଘରେ ଖେଳଣା ଫୁଲ୍ କରିସାରିଲାଣି, କାହିଁକି ଜାଣୁ, ଅନ୍ୟମାନେ ଯେତେବେଳେ ଖେଳଣା ଆଣନ୍ତି, ସେତେବେଳେ ତମ ମା' ତା' ନାତି ନାତୁଣୀଙ୍କ ପାଇଁ କିଣିଆଣେ। ସମସ୍ତେ ପଚାରନ୍ତି କାହିଁକି ଖେଳଣା କିଣୁଛୁ ? ତୁମ ନାତି, ନାତୁଣୀତ ସହରରେ ସେ କହେ - ମୋ ନାତି ନାତୁଣୀ ଆର ହପ୍ତାରେ ଆସିବେ, ତାଙ୍କୁ ଦେବି। ଏମିତି ଅନେକ ହପ୍ତା ଚାଲିଗଲାଣି......ମୁଁ ରାଗିଛି ବୋଲି ଭାବିବୁନି। ମୋର ତମକୁ ଏତିକି ନେହୁରା, ଆମର ଆଉ ଟଙ୍କା ଦରକାର ନାହିଁ, ଟଙ୍କା କ'ଣ କରିବୁ ? ତୁମେ କି ବୋହୂ ଯଦି ଦୟାକରି ତୁମର ଏବଂ ତୁମ ପିଲାମାନଙ୍କର ସ୍ନେହ ଟିକକ ପଠାନ୍ତ, ଆମେ ଅବଶିଷ୍ଟ ଦିନ ଖୁସିରେ ବ ଞ୍ଚି ଯାଆନ୍ତୁ। ସ୍ନେହ, ଶ୍ରଦ୍ଧା ବିନା ବ ଞ୍ଚିବା ଭାରିକଷ୍ଟ ହେଉଛିରେ। ଘର ଭିତରେ ଆମେ ଦୁହେଁ ଏକୁଟିଆ ହୋଇ କେବଳ ତୁମ ଫଟୋ ଗୁଡିକୁଦେଖି ଆଖିରୁ ଲୁହ ଗଡାଉଛୁ । ମୋ ନାତି, ନାତୁଣୀକୁ ତ ଦେଖିନୁ, ଖାଲି ବୟସ ଅନୁସାରେ ୧୦ବର୍ଷ ହେବଣି, ଆମ ସାହିର ହରିର ୧୦ବର୍ଷର ପୁଅର ଏବଂ ଝିଅର ଫଟୋଆଣି ସ୍ନେହ ଦେଉଛୁ।

ଆଉ ବିଶେଷ କିଛି ଲେଖୁନାହିଁ। ଈଶ୍ୱର ତୁମମାନଙ୍କ ଚଲା ପଥକୁ କୁସୁମିତ କରାନ୍ତୁ। କେବଳ ଟିକିଏ ସ୍ନେହ ଅପେକ୍ଷାରେ.......

ରହିଲି, ତୋର ସ୍ନେହ କାଙ୍ଗାଳ

ବାପା, ମା'

ଉପାଧକ୍ଷ, ରିଜୋନାଲ୍ସ, ଭାଣପୁର, କଟକ

# ବନ୍ଧୁତ୍ୱର ପ୍ରତିଦାନ

ବିଶ୍ୱଜିତ୍ ଖମାରୀ

ଏବେ ବନ୍ଧୁତାର ମୂଲ୍ୟ କିଏ ବା ବୁଝୁଛି । ବନ୍ଧୁ ସେ ସୁଖ ଦୁଃଖର ସାଥି, ନିରାସାର ଆଶା ଆଉ ଅନ୍ୟର ଭରସା । ବନ୍ଧୁ ଯେ ଆଣିଦିଏ ଖୁସିର ପସରା । ଖେଳାଇ ଦିଏ ଦୁଃ ଖର ଲହରୀ ।

ରାମବାବୁ ଫ୍ୟାକ୍ଟରୀରୁ ଫେରି ବିଶ୍ରାମ ନେଉଛନ୍ତି ହଠାତ୍ ମନେ ପଡିଗଲା ବନ୍ଧୁ ହରିଶର କଥା । ପିଲାଦିନ ସେ ସ୍କୁଲ ପାଠପଢ଼ା ହରିପୁର ଗ୍ରାମରେ । ସେ ଦୁହେଁ ଥିଲେ କୃତୀ ଛାତ୍ର । ସମସ୍ତଙ୍କ ମୁହଁରେ ସେ ଦୁହିଁଙ୍କ ପ୍ରଶଂସା । ପରୀକ୍ଷାର ଫଳ ବାହାରିବା ପରେ ସେମାନଙ୍କ ମନ ହୋଇପଡେ ଖୁସିରେ ଉତ୍‌ଫୁଲ୍ଲିତ । କାରଣ ସେମାନେ ଦିଜଣ ପ୍ରାଥମ ଓ ଦ୍ୱିତୀୟ । ଥରୁଥରୁ ଶୀତଦିନେ ପଡିଲା ମାଟ୍ରିକ୍ ପରୀକ୍ଷା, ସେମାନେ ପରିଶ୍ରମ କରି ପାଠପଢ଼ି ପୀକ୍ଷା ଦେଲେ ଏବଂ ପରୀକ୍ଷା ମଧ ଶେଷ ହେଲା । ସେମାନଙ୍କ ମଧରେ ବନ୍ଧୁତା ବଢ଼ିବାକୁ ଲାଗିଲା । ଏତେ ବଢ଼ିଗଲା ଯେ, ସେମାନେ ଦୁହେଁ ଦୁହିଁଙ୍କୁ ଛାଡ଼ି ରିହପାରୁ ନଥିଲେ । ପରୀକ୍ଷା ଫଳ ପ୍ରକାଶ ପାଇଲା । ଦୁହେଁ ପ୍ରଥମ ଶ୍ରେଣୀରେ ଉ ର୍ଣ୍ଣ ହେଲେ । କଲେଜ୍‌ର ନୂଆ ଦୁନିଆ ଟାଣିନେଲା ସେ ଦୁହିଁଙ୍କୁ । ପାଠପଢ଼ା ସୁରୁଖୁରୁରେ ଚାଲିଲା । କିନ୍ତୁ ରାମର ପାଠପଢ଼ା ଧିମାଇବାରେ ଲାଗିଲା । କିନ୍ତୁ ହରିଶର ପାଠପଢ଼ା ଠିକ୍‌ଠାକ୍ ଚାଲିଲା । ରାମ ମନରେ ହରିଶ ପ୍ରତି ଈର୍ଷା ଭାବ ଜାଗିଉଠିଲା । ଯଦିଓ ସେ ଦୁହେଁ ଏକାଠି ଏବଂ ଗୋଟେ ରୁମ୍‌ରେ ରହୁଥିଲେ । ହରିଶ୍ କିନ୍ତୁ ରାମକୁ ସେତେ ଭଲ ପାଉନଥିଲା, ଆଗରୁ ଯେତେ ପାଉଥିଲା, କିନ୍ତୁ ଅନ୍ଧକରି ଦେଇଥିଲା, ରାମକୁ ତାର ଈର୍ଷା ଧିରେ ଧିରେ ପାଠ ପଢ଼ାରେ ଅଧଃ ପତନ ହେଲା । ହରିଶ୍ ରାମକୁ ବୁଝାଇବାକୁ ଚେଷ୍ଟା କରୁଥିଲେ ମଧ ରାମ ବୁଝିବାକୁ ନାରାଜ । ଦିନ ପରେ ଦିନ ଗଡି ଚାଲିଲା । ପରୀକ୍ଷା ହେଲା ଏବଂ ଭଲରେ ସରି ମଧ ଗଲା । କିଛିଦିନ ଗଲାପରେ ଯେତେବେଳେ ପରୀକ୍ଷାଫଳ ପ୍ରକାଶ ପାଇଲା ହରିଶ୍ ପ୍ରଥମ ଶ୍ରେଣୀରେ ଉ ର୍ଣ୍ଣ ହେଲାବେଳେ ରାମ ଫେଲ୍ ହେଲା । ଦିନତ କାହାକୁ ଅପେକ୍ଷା କରେ ନାହିଁ ଗଡି ଚାଲିଲା । ହରିଶ୍ ଅମେରିକାରେ ଏକ ସୁନାମଧନ୍ୟ ଫ୍ୟାକ୍ଟ୍ରିରେ କାମ ପାଇଲା । ଏପଟେ ରାମ ଛୋଟକାଟ ବ୍ୟବସାୟ ଆରମ୍ଭ କଲା । ତଥାପି ଈର୍ଷିତ ହେଉଥିଲା । ବନ୍ଧୁ ହରିଶକୁ ବ୍ୟବସାୟରେ ବହୁତ କ୍ଷତି ସହିବାକୁ ପଡିଲା । ଶେଷରେ ଭାବିଲା, ଯେ ସେ ଆତ୍ମହତ୍ୟା କରିବା ଛଡ଼ା କିଛି ବାଟ ନାହିଁ । ସେ ଦିନ ହଠାତ୍ ଚିଠି ଆସି ପହ ଞ୍ଚିଲା । ତା' ପାଖରେ ସେ ହରିଶ୍‌ର ଠିକଣା ଦେଖି ରାଗ ତମ ତମ ହୋଇ ପଡିଲା - ଲେଖାଥିଲା ପ୍ରିୟ ବନ୍ଧୁ ରାମ, ମୁଁ ଶୁଣିଲି ତୋର ବ୍ୟବସାୟରେ ବହୁତ କ୍ଷତି ହେଲା, ଦୁଃଖୀ କରନି ମୋ ପାଖକୁ ଚାଲି ଆ ମୋ ଫ୍ୟାକ୍ଟ୍ରିର ମ୍ୟାନେଜର ହବୁ ତୁ । ହଁ, ଆସିବା ଲାଗି ଲକ୍ଷେ ଟଙ୍କା ପଠାଇ ଦେଇଛି । ଚିଠି ଶେଷ ହେବା ସଙ୍ଗେ ସଙ୍ଗେ ତା'ର ସବୁ ଅହଙ୍କାର, ଈର୍ଷା ଯେମିତି ଶେଷ ହୋଇଗଲା । ଭୋ, ଭୋ ହୋଇ କାନ୍ଦିଲା ।

ଭାବନା ରାଜ୍ୟରୁ ରାମ ବାବୁ ଫେରୁ ଫେରୁ ସତରେ ଆଖିରୁ ଝରିପଡିଲା ଦୁଇଟୋପା ଲୁହ ।






Printed, Published, Edited and Owned by Dr. Bibhudatta Khandayatray, Printed at Laxmi Offset Press, Nayabazar, Cuttack-4, Odisha & Published at Niladri Vihar, P.O. - Nayabazar, Cuttack - 4, Odisha, Mob. : 9437744194

RNI No. : ODIODI/2015/64435

www.pracheevoice.in

Editor : Dr. Bibhudatta Khandayatray

ସମ୍ପାଦକ : ଡ. ବିଭୁଦତ୍ତ ଖଣ୍ଡାୟତରାୟ

ଜାନୁୟାରୀ ୨୦୧୭

ମୂଲ୍ୟ : ୨୪ ଟଙ୍କା